## ସଂକ୍ଷେପରେ

### ପୁଣି ଭାଗବତରେ ଭୁଲ୍
#### ଆପତ୍ତି ଉଠାଇଲେ ଗବେଷକ

କଟକ ଅଫିସ, ୫।୧୧- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତର ତୃତୀୟ ସଂସ୍କରଣରେ ଭୁଲ୍ ଦୃଷ୍ଟିଗୋଚର ହୋଇଥିଲା। ହେଲେ ସଂଶୋଧନ କରାଯିବା ପରେ ମଧ ଏହି ଶ୍ରୀମଦ୍ ଭାଗବତ ଗ୍ରନ୍ଥରେ ଭୁଲ୍ ରହିଛି। ଏ ନେଇ ଆପତ୍ତି ଉଠାଇଛନ୍ତି ଭାଗବତ ଗବେଷକ ଚକ୍ରଧର ମହାପାତ୍ର। ୨୦୧୬ ମାର୍ଚ୍ଚରେ ଭାଗବତରେ ଭୁଲ ଥିବା କଥା ଗବେଷକ ମହାପାତ୍ର ଧରିଥିଲେ। ଧରିତ୍ରୀରେ ୨୦୧୬ ମାର୍ଚ୍ଚ ୧୫ରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଫଳରେ ତୃତୀୟ ସଂସ୍କରଣର ସମସ୍ତ ଭାଗବତକୁ ନଷ୍ଟ କରାଗଲା ଓ ଛପା ମଧ ବନ୍ଦ କରାଯାଇଥିଲା। ତା’ପରେ ସଂଶୋଧନ ପାଇଁ ଏକ ୪ ଜଣିଆ ଦଳ ସାହିତ୍ୟ ଏକାଡେମୀ ପକ୍ଷରୁ ଗଠନ କରାଯାଇଥିଲା। ସେମାନେ ସଂଶୋଧନ ଆରମ୍ଭ କଲେ। ହେଲେ ଏବେ ପୁଣି ସମାନ ଘଟଣା ଘଟିଛି।

ମହାପାତ୍ର ଦର୍ଶାଇଛନ୍ତି ଯେ, ଧାଡ଼ି ଭାଙ୍ଗିବା, ପଦଛାଡ଼ିବା, ଗୋଟେ ଅଧ୍ୟାୟରୁ କେତେକ ପଦ ସମ୍ପୂର୍ଣ୍ଣ ଉଡ଼ିଯିବା, ପଦ ସବୁ ଦୁଇ ଥର ଲେଖାହେବା ତାଙ୍କ ଦୃଷ୍ଟିକୁ ଆସିଛି। ପୂର୍ବ ସଂସ୍କରଣରେ ‘ସାଧିବ ନୀତି’ ଉଲ୍ଲେଖ ଥିଲା। ମାତ୍ର ଏବେ ତା’ ସ୍ଥାନରେ ‘ସାଧୁ ବିନତି’ କରାଯାଇଛି। ସପ୍ତମ ସ୍କନ୍ଦ ସପ୍ତମ ଅଧ୍ୟାୟରେ ‘ନାରଦ-ଯୁଧିଷ୍ଠିର’ ନା ‘ଶୁକ-ପରୀକ୍ଷିତ’ ଏହା ମଧ୍ୟରୁ କେଉଁଟା ଠିକ୍ ତାହା ସଂଶୋଧନ କରାଯାଇ ପାରିନାହିଁ। ସେହିପରି ‘ପ୍ରଣାମ’ ସ୍ଥାନରେ ‘ପ୍ରମାଣ’ ଛପାଯାଇଛି। ତ୍ରିଶୃଙ୍ଗ ବଦଳରେ ‘ତୃତୀୟ ଶୃଙ୍ଗ’ ଲେଖାଅଛି। ଆଉ ଦୁଇଟି ଶୃଙ୍ଗ କେଉଁଠି ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ସମାନ ଭାବେ ମହାପାତ୍ର ଧରିଥିବା ତ୍ରୁଟି ମଧରେ ଅଳକେ ସ୍ଥାନରେ ଅଳେକ, ସମସ୍ତ ସ୍ଥାନରେ ସପ୍ତମ, ପିଟିବି ସ୍ଥାନରେ ପିଞ୍ଜିବି, ଭଗବନ୍ଦି ସ୍ଥାନରେ ଭଜବନ୍ଦି, କହିଛି ସ୍ଥାନରେ କହିବି, କିମ୍ବା ସ୍ଥାନରେ କିମ୍ଧା, ଚରିତ ସ୍ଥାନରେ ରଚିତ ଇତ୍ୟାଦି ଛପାଯାଇଛି। ‘କର୍ମ ଜ୍ଞାନରେ ବିଶାରଦ’ ଠିକ୍ ଥିବାସ୍ଥଳେ ‘ରସଗଳଇ ବିଷାରଦ’ ଭୁଲ୍ ବୋଲି ମହାପାତ୍ର କହିଛନ୍ତି। ଅନେକ ସ୍ଥାନରେ କିପାଁ ଓ କିପାଁଇ ରହିଛି। ଏହା ଭାଷାଗତ ଭୁଲ୍। ସେହିପରି ସତ୍ୟଭାମା ସ୍ଥାନରେ ସତ୍ୟବତୀ, ପ୍ରଳୟ ସ୍ଥାନରେ ପ୍ରୟଳ ଆଦି ଉଲ୍ଲେଖ ରହିବା ଭାଗବତପ୍ରେମୀଙ୍କୁ ବ୍ୟଥିତ କରିଛି ବୋଲି ମହାପାତ୍ର କହିଛନ୍ତି। ଶୁଦ୍ଧ ଭାଗବତ ଛାପି ଓଡ଼ିଶାର ଘରେ ଘରେ ପହଞ୍ଚାଇବାକୁ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳି ନ ଥିବା ସେ କହିଛନ୍ତି।

### ଯୁବକଙ୍କୁ ଗଳାକାଟି ହତ୍ୟା

ବୈପାରୀଗୁଡ଼ା, ୫।୧୧(ଡି.ଏନ୍.ଏ): ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ରାମଗିରୀ ଫାଣ୍ଡି ଅଧୀନସ୍ଥ ତେନ୍ତୁଳିଗୁମ୍ମା ପଞ୍ଚାୟତ ଅଁଳାଗୁଡ଼ା ଗ୍ରାମର ଜଣେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ସୋମନାଥ ଭୂମିଆ (୩୦)। ପ୍ରକାଶ ଯେ, ରବିବାର ରାତି ପ୍ରାୟ ୮ଟା ବେଳେ କେତେକ ଦୁର୍ବୃତ୍ତ ସୋମନାଥଙ୍କୁ ଘରୁ ଡ଼ାକିନେଇ କିଛି ଦୂରରେ ଗଳାକାଟି ହତ୍ୟା କରି ଫେରାର୍ ହୋଇଯାଇଥିଲେ। କିନ୍ତୁ ହତ୍ୟାର କାରଣ ଏ ଯାଏ ସ୍ପଷ୍ଟ ହୋଇ ନ ଥିଲେ ମଧ ଏହା ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଘଟଣା ପଛରେ ମାଓବାଦୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ ଘଟଣାସ୍ଥଳରେ କୌଣସି ମାଓବାଦୀ ପୋଷ୍ଟର ଲାଗି ନ ଥିବାରୁ ଏମାନଙ୍କ ହାତ ଥିବା ସ୍ପଷ୍ଟ ହୋଇପାରିନାହିଁ। ତେବେ ଜମିବାଡ଼ି ସଂକ୍ରାନ୍ତୀୟ ପୂର୍ବ ଶତ୍ରୁତାକୁ ନେଇ ସୋମନାଥଙ୍କୁ ହତ୍ୟା କରାଯାଇଥିବା ଅନ୍ୟ କେତେକ ଅସମର୍ଥିତ ସୂତ୍ରରୁ ସନ୍ଦେହ କରାଯାଉଛି। ଏ ନେଇ ରାମଗିରୀ ଫାଣ୍ଡି ଅଧିକାରୀ ସୁବ୍ରତ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ, ଘଟଣା ସମ୍ପର୍କରେ ପୋଲିସ ପାଖରେ କୌଣସି ଏତଲା ଦିଆଯାଇ ନ ଥିବା ପ୍ରକାଶ କରିଛନ୍ତି।

### କଣ୍ଟାବାଞ୍ଜିକୁ ନୂତନ ଜିଲା ଦାବି

କଣ୍ଟାବାଞ୍ଜି,୫।୧୧ (ଡି.ଏନ.ଏ.) କଣ୍ଟାବାଞ୍ଜିକୁ ନୂତନ ଜିଲା ଗଠନ କରିବା ନେଇ ଜିଲା ସଂଯୋଜକ ସମିତି ଡାକରା ଦେଇଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ହେମାଲ ସଂଘ ଭବନରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶେଷଦେବ ପୁଟେଲଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଣ୍ଟାବାଞ୍ଜି ଜିଲା ହେବାର ସମସ୍ତ ଭିତିଭୂମି ମଧରେ ରହିଛି ବୋଲି ସମସ୍ତ ସଭ୍ୟ ମତ ପ୍ରକାଶ କରିଥିଲେ। ଏପରିକି ବିଭିନ୍ନ ବିଭାଗରେ ଜିଲା ସଦର ଗୁଡିକଠାରୁ କେବଳ ତହସିଲ ମହକୁମାରେ ରହି ରେକର୍ଡ ଭୁକ୍ତ ସରକାରୀ ରାଜସ୍ୱ ଦେଉଥାଏ ବୋଲି ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ମତ ରଖିଥିଲେ।

■ଭିଡ଼ ସାଙ୍ଗକୁ ଗୁଳୁଗୁଳି

# ଶ୍ରୀମନ୍ଦିରରେ ଏକାଧିକ ଭକ୍ତ ଅସୁସ୍ଥ

ପୁରୀ ଅଫିସ,୫।୧୧:

କାର୍ତ୍ତିକ ମାସ ଯୋଗୁ ଏବେ ଶ୍ରୀମନ୍ଦିରରେ ଅଧିକ ଭିଡ଼ ହେଉଛି। ବିଶେଷକରି ଏହି ମାସର ଛୁଟି ଦିନଗୁଡ଼ିକରେ ସ୍ଥିତି ଅସମ୍ଭାଳ ହୋଇପଡୁଛି। ନିୟନ୍ତ୍ରଣ କରିବାରେ ଜେଟିପି ଏବଂ ପୋଲିସ ଅସହାୟ ହୋଇପଡୁଛନ୍ତି। ଏବେ ପ୍ରାୟ ସବୁଦିନ ବଡ଼ଦେଉଳରେ ଗହଳି ରହୁଛି। ସୋମବାର ବି ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ଖରା ଏବଂ ଗୁଳୁଗୁଳି ଯୋଗୁ ଏକାଧିକ ଭକ୍ତ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅନ୍ୟପକ୍ଷରେ ସାତପାହାଚରେ ଭିଡ଼କୁ ଦେଖି ଅନେକ ହବିଷିଆଳି ଭିତରକୁ ଦର୍ଶନ ପାଇଁ ଯିବାକୁ ଭୟ କରୁଛନ୍ତି। ପୂର୍ବରୁ ସେମାନେ ଭିତରେ କିପରି ଦର୍ଶନ ପାଇଁ ଠେଲାପେଲା ହେଉଛି ତାହା ଅଙ୍ଗେ ନିଭାଇଥିବାରୁ କେବଳ ବେଢା ପରିସର ବିଭିନ୍ନ ମନ୍ଦିର ବୁଲି ଫେରୁଛନ୍ତି।

ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ନୂଆପଡ଼ା ଜିଲା ଖଡ଼ିଆଳର ବିଶ୍ୱମ୍ଭର ପରୁଆ (୭୫) ପରିବାର ସଦସ୍ୟଙ୍କ ସହ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ପ୍ରବଳ ଗହଳି ରହିଥିଲା। ତେଣୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ସେମାନେ ଜଗମୋହନ ଭିତରକୁ ଦର୍ଶନ ପାଇଁ ଯାଇଥିଲେ। ହେଲେ ସେତେବେଳେ ବି ଭିଡ଼ କମି ନ ଥିଲା। ଠେଲାପେଲା ଭିତରେ ବିଶ୍ୱମ୍ଭର ଏକପ୍ରକାର ଅଣନିଃଶ୍ୱାସୀ ହୋଇପଡିଥିଲେ। ବାହାରକୁ ଯିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଫଳରେ ତାଙ୍କ ମୁଣ୍ଡ ବୁଲାଇଦେବାରୁ ସେ ତଳେ ପଡିଯାଇଥିଲେ। ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀଙ୍କ ସହାୟତାରେ ପରିବାର ସଦସ୍ୟ ତାଙ୍କୁ ବାହାରକୁ ନେଇଆସିଥିଲେ। ସଙ୍ଗେ ସଙ୍ଗେ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସାଲାଇନ ଲାଗିବା ସହ ପ୍ରାୟ ୨ ଘଣ୍ଟା ଧରି ତାଙ୍କର ଚିକିତ୍ସା କରାଯାଇଥିଲା। ସେହିପରି ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ଅନ୍ୟ ଜଣେ ମହିଳା ଭକ୍ତ ଶ୍ରୀମନ୍ଦିର ଭିତରେ ଅସୁସ୍ଥ ହୋଇପଡିଥିଲେ। କେନ୍ଦୁଝର ଜିଲା ଶୋଷ ଥାନା ଅନ୍ତର୍ଗତ ବାଙ୍ଗର ଗ୍ରାମର ରମ୍ଭା ବିନ୍ଧାଣୀ (୮୨) ସପରିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଯୋଗୁ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସୁସ୍ଥ ହେବା ପରେ ସେ ଘରକୁ ଫେରିଯାଇଥିବା ଜଣାପଡିଛି। ମନ୍ଦିରରୁ ଅସୁସ୍ଥ ହୋଇ ଆସିଥିବା ଏହି ଦୁଇ ଶ୍ରଦ୍ଧାଳୁଙ୍କୁ ସହାୟର ସ୍ୱେଚ୍ଛାସେବୀମାନେ ହସ୍ପିଟାଲରେ ସହଯୋଗ କରିଥିଲେ।


ଶ୍ରୀମନ୍ଦିରରେ ଅସୁସ୍ଥ ହୋଇଥିବା ଭକ୍ତ ରମ୍ଭା ବିନ୍ଧାଣୀଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

**ଭିତରକୁ ଯିବାକୁ ହବିଷିଆଳିଙ୍କ ଭୟ**

କୋସଲି ଭାଷାକୁ ଅଷ୍ଟମ ସୂଚୀରେ ସାମିଲ ଦାବି

# ଜନ୍ତରମନ୍ତରରେ ଧାରଣା ଦେଲେ

ବରଗଡ଼ ଅଫିସ୍,୫।୧୧

କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ଦାବି ନେଇ କୋସଲି କ୍ରିୟାନୁଷ୍ଠାନ କମିଟି ତରଫରୁ ନୂଆଦିଲ୍ଲୀସ୍ଥିତ ଜନ୍ତରମନ୍ତର ଠାରେ ଧାରଣା ଦିଆଯାଇଛି। ଏହି ଧାରଣାରେ ରାଜସ୍ଥାନୀ, ଭୋଜପୁରୀ, ଅଙ୍ଗୀକା, ପଞ୍ଜାବୀ, ମରାଠୀ, ତାମିଲ ଆଦି ଭାଷାର ପ୍ରତିନିଧିମାନେ ସାମିଲ ହୋଇ ସମର୍ଥନ ଜଣାଇଥିବା କମିଟିର ଆବାହକ ସାକେତ ଶ୍ରୀଭୂଷଣ ସାହୁ ଏକ ବିବୃତିରେ ଜଣାଇଛନ୍ତି। ବିଗତ କିଛି ବର୍ଷ ହେବ କେନ୍ଦ୍ର ସରକାର ବିଭିନ୍ନ ଭାରତୀୟ ଭାଷାକୁ ଅଷ୍ଟମ ସୂଚୀରେ ସାମିଲ କରିଛନ୍ତି। ଏହି ଦୃଷ୍ଟିରୁ କୋସଲି ଭାଷାକୁ ମଧ୍ୟ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ପାଇଁ ସାହୁ ଦାବି କରିଛନ୍ତି। ସେହିପରି କୋସଲି ଭାଷାକୁ ରାଜ୍ୟ ସରକାର ସରକାରୀ ଭାଷାର ମାନ୍ୟତା ଦେବାକୁ ମଧ୍ୟ ଦାବି ହୋଇଛି। ଏହାହେଲେ କୋସଲି ଭାଷାରେ ପ୍ରାଥମିକସ୍ତରରେ ପାଠ ପଢ଼ାଯାଇ ପାରିବ ଏବଂ ନିଜ ମାତୃଭାଷାରେ ପାଠ ପଢ଼ିଲେ ଗରିବ, ଆଦିବାସ ବହୁଳ ପଶ୍ଚିମ ଓଡ଼ିଶାର ବିକାଶରେ ସମସ୍ତେ ଯୋଡ଼ି ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଫଳରେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ସାହୁ ଦାବି କରିଛନ୍ତି।


ଜନ୍ତରମନ୍ତରରେ ଚାଲିଥିବା ଧାରଣା।

### ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର: ଜଣେ ଗିରଫ

କଟକ ଅଫିସ୍, ୫।୧୧- ଓଡ଼ିଶାର ଏକ ଦୈନିକ ଖବରକାଗଜର ଜଣେ ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ନାଉଗାଁ ଅଞ୍ଚଳର ବିଭୁପ୍ରସାଦ ସ୍ୱାଇଁ। ଏ ନେଇ ପୋଲିସ ଆଇପିସି ଦଫା ୩୫୪, ୨୯୪, ୩୨୩ରେ ଏକ ମାମଲା(ନଂ.୩୦୫/୧୮) ରୁଜୁ କରିଛି। ବିଭୁ ଏକ ଘରୋଇ ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ବେଳେ ପରିବାର ସହ ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳରେ ରହୁଛନ୍ତି। ସୋମବାର ମଧାହ୍ନରେ ସାମ୍ବାଦିକା ଜଣଙ୍କ ତାଙ୍କର ଜଣେ ପୁରୁଷବନ୍ଧୁଙ୍କ ସହ ବାଦାମବାଡି ଅଞ୍ଚଳରେ ଥିବା ଏକ ରେସ୍ତୋରାଁକୁ ଆସିଥିଲେ। ସେଠାରୁ ଫେରିବା ବେଳେ ବିଭୁ ସେମାନଙ୍କୁ ଅଟକାଇଥିଲେ। ନିଜକୁ ସିବିଆଇ ଅଫିସର ବୋଲି ପରିଚୟ ଦେବା ସହ ସାମ୍ବାଦିକାଙ୍କ ପୁରୁଷବନ୍ଧୁଙ୍କୁ ଚାପୁଡା ମାରିଥିଲେ। ସାମ୍ବାଦିକା ଜଣଙ୍କ ନିଜର ପରିଚୟପତ୍ର ଦେଖାଇବା ସହ ବିଭୁଙ୍କୁ ତାଙ୍କର ପରିଚୟପତ୍ର ଦେଖାଇବାକୁ କହିଥିଲେ। ବିଭୁ ଓଲଟା ତାଙ୍କୁ ଗାଳିଗୁଲଜ କରିବା ସହ ମାରିବାକୁ ବାହାରିଥିଲେ। ଫଳରେ ସ୍ଥାନୀୟ ଲୋକ ବିଭୁଙ୍କୁ ନିସ୍ତୁକ ମାଡ ମାରି ପୋଲିସ ଜିମା ଦେଇଥିଲେ। ଏ ନେଇ ସାମ୍ବାଦିକା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ବିଭୁଙ୍କୁ ଗିରଫ କରିଥିଲା।

■ବିଭିନ୍ନ ସ୍ଥାନରେ ଭିଡ଼ିଓ କନଫରେନ୍ସିଂ ଗୃହ ଉଦ୍‌ଘାଟିତ

# ଲୋକଙ୍କ ସହ ସିଧାସଳଖ ଯୋଡିହେବେ ମୁଖ୍ୟମନ୍ତ୍ରୀ

ଗୁଡ଼ଭେଲା/ ବଙ୍ଗୋମୁଣ୍ଡା/ ଖପ୍ରାଖୋଲ/ ସଇଁତଲା, ୫।୧୧(ଡ଼ି.ଏନ.ଏ.)

ରାଜ୍ୟର ମୋଟ ୩୧୪ଟି ବ୍ଲକରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଗୃହ ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଭିଡିଓ କନଫରେନ୍ସିଂ ଗୃହ ଉଦ୍‌ଘାଟନ ହୋଇଯାଇଛି। ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଭିଡ଼ିଓ କନଫେରେନ୍ସ ଗୃହ ଉଦଘାଟିତ ହୋଇଯାଇଛି। ଏହା ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସିଧାସଳଖ ଗ୍ରାମାଞ୍ଚଳର ଜନସାଧାରଣ, ଜନପ୍ରତିନିଧି ତଥା ସରକାରୀ ଅଧିକାରୀମାନେ ନିଜ ସମସ୍ୟା ଗୁଡ଼ିକ ଉପସ୍ଥାପନ କରି ପାରିବେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଡ଼ିଓ ରାମବିଳାଶ ମଙ୍ଗରାଜ, ଜିପିଓ ହିମାଂଶୁ ଶେଖର ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପ, ଜିଲା ପରିଷଦ ସଭ୍ୟା ମୀନାରାଣୀ ପ୍ରଧାନ, ରୁଷୁଡ଼ା ସରପଞ୍ଚ ସବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷ ରଞ୍ଜୁବାଳା ବେହେରା, ବିଡିଓ ଅନିରୁଦ୍ଧ ପ୍ରଧାନ, ଏବିଡିଓ ଦିକ୍ଷିତ ବେହେରା, ଉପାଧକ୍ଷ ମାମରାଜ ଜୈନ, ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର, ବଙ୍ଗୋମୁଣ୍ଡା ସରପଞ୍ଚ ସୁଶାନ୍ତ ଯୋଷୀ, ଏକାଉଣ୍ଟ ଅଫିସର ଏସ୍‌ପିବା ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ରହି ବଙ୍ଗୋମୁଣ୍ଡାଠାରେ ଭିଡିଓ କନ୍‌ଫରେନ୍ସିଂ ଗୃହ ଉଦ୍‌ଘାଟନ କରିଛନ୍ତି। ଏଥିରେ ବ୍ଲକର ସ୍ୱାସ୍ଥ୍ୟ ବିଭାଗର ପ୍ରଭାତ ସାହୁ, ଶିକ୍ଷା ବିଭାଗର ଜୟନ୍ତ ପ୍ରଧାନ, ଜଳପରିମଳ ବିଭାଗର ମଞ୍ଜୁଲତା ଗଡତଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। ତେବେ ଖପ୍ରାଖୋଲ ବ୍ଲକରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସଂଯୋଗ ହୋଇପାରି ନ ଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ମଧ ସମ୍ବର୍ଦ୍ଧିତ ହେବାକୁ ଥିବାବେଳେ ସେମାନେ ଉପସ୍ଥିତ ଥିଲେ। ହେଲେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୀର୍ଘ ସମୟ ଧରି ଅପେକ୍ଷା କରି ଫେରିଯାଇଥିଲେ। ଏହି ଅବସରରେ ବିଡିଓ ତରଣୀ ସୁନା, ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା, ସହକାରୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆ, ଜିଲାପରିଷଦ ସଭ୍ୟ ବିପ୍ର ବିଶି, ଜିପିଓ ସୁଶାନ୍ତ ପାଣି, ସିପି ଦିନେଶ ବାରିକ, ଏମ୍‌ପି ପ୍ରତିନିଧି ଗୋବିନ୍ଦ ବାରିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷା ଗୃହର ଉଦ୍‌ଘାଟନ କରିଥିଲେ। ସଇଁତଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ସଭାଗୃହଠାରେ ସୋମବାର ଭିଡିଓ କନଫରେନ୍ସିଂ ଗୃହର ଉଦ୍‌ଘାଟନ ହୋଇଯାଇଛି। ବିଡିଓ ଚିତ୍ତରଞ୍ଜନ ବନଗୁଲା ଅଧକ୍ଷତା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ପ୍ରଦୀପ ପଟ୍ଟନାୟକ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ମାନସିଂ, ମୁଖ୍ୟ କିରାଣୀ ଗଣେଶରାମ ବେହେରା, କୋଷାଧକ୍ଷ ନରେନ୍ଦ୍ର ଘିବେଲା, ଓଡ଼ିଶା ଜିବୀକା ମିଶନର ଅମୀର ପ୍ରଧାନ, ସହକାରୀ ଯନ୍ତ୍ରୀ ହେମେନ୍ଦ୍ରନାଥ ମଲ୍ଲିକ, ଜିଲାପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, ଜିଲା ପରିଷଦ ସଭ୍ୟା କଳ୍ପନା ଚୌହାନ, ବ୍ଲକ ଅଧକ୍ଷା ଅହଲ୍ୟା ମଲିକ, ଉପାଧକ୍ଷା ପ୍ରମୋଦ ଭୋଇ, ବ୍ଲକ ଅଞ୍ଚଳର ସମସ୍ତ ସମିତି ସଭ୍ୟ, ସରପଞ୍ଚ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜିପିଇଓ ମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ।


ଗୁଡ଼ଭେଲାଠାରେ ଭିଡିଓ କନ୍‌ଫରେନ୍ସିଂ ଗୃହ ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

■ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି ମହାରାଜା

# ଧାଡ଼ିଦର୍ଶନ ବ୍ୟବସ୍ଥା ସମ୍ପର୍କରେ ରଖିଲେ ମତ



ପୁରୀ ଅଫିସ,୫।୧୧:

ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିସହ ବେଢା ପରିସର ଅନ୍ୟାନ୍ୟ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ଧାଡ଼ିଦର୍ଶନ ବ୍ୟବସ୍ଥା ସମ୍ପର୍କରେ ମତ ରଖିଛନ୍ତି। ସୋମବାର ସନ୍ଧ୍ୟା ୬ଟା ୪୦ରେ ଗଜପତି ମହାରାଜା ମହାରାଣୀ ଲୀଳାବତି ପାଟ୍ଟମହାଦେଈ, ଜ୍ୟେଷ୍ଠ କନ୍ୟା ଏବଂ ନାତିଙ୍କ ସହ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିଥିଲେ। ସେମାନଙ୍କ ସହ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ରହିଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ ଏବଂ କମାଣ୍ଡର ସେମାନଙ୍କୁ ଭିତରକୁ ପାଛୋଟି ନେଇଥିଲେ। ପ୍ରଥମେ ବଟ ଗଣେଶଙ୍କୁ ଦର୍ଶନ କରିଥିଲେ। ଏହାପରେ ବଟମଙ୍ଗଳା, ପଞ୍ଚମହାଦେବଙ୍କୁ ଦର୍ଶନ କରି ପଣ୍ଡା ଦ୍ୱାର ଦେଇ ନାଟମଣ୍ଡପକୁ ପ୍ରବେଶ କରିଥିଲେ। ଗରୁଡ଼ ସ୍ତମ୍ଭ ପଛରେ ଠିଆ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। କନ୍ୟା ଏବଂ ନାତି ଭିତରକାଠ ନିକଟରେ ଦର୍ଶନ କରିଥିବା ବେଳେ ଗଜପତି ଓ ମହାରାଣୀ ଗର୍ଭଗୃହକୁ ଯାଇଥିଲେ। ତିନିଠାକୁରଙ୍କୁ ଦର୍ଶନ କରି ନିଜର (ପ୍ରଣାମୀ) ଦେଇ ରତ୍ନସିଂହାସନ ପରିକ୍ରମା କରିଥିଲେ। ଭଣ୍ଡାର ମେକାପଙ୍କଠାରୁ ପାଇଥିବା ପ୍ରସାଦ ମାଳ ଏବଂ ଲାଗି ଚନ୍ଦନକୁ ରାଜଗୁରୁ ଗଜପତି ମହାରାଜାଙ୍କୁ ପ୍ରଦାନ କରିଥିଲେ। ଏହାପରେ ଭଣ୍ଡାର ଲୋକନାଥଙ୍କୁ ଦର୍ଶନ କରି ଜଗମୋହନ ସ୍ଥିତି ବୁଲି ଦେଖିଥିଲେ। ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସହ ଜଗମୋହନ ବିଷୟରେ କଥା ହୋଇଥିଲେ। ବେହରଣ ଦ୍ୱାର ଦେଇ ବାହାରି ମୁକ୍ତିମଣ୍ଡପ ଏବଂ ଆଦି ନୃସିଂହଙ୍କ ଦର୍ଶନ କରିଥିଲେ। ବିମଳା, କାନପତା ହନୁମାନ, ଭୁବନେଶ୍ୱରୀ, ମହାଲକ୍ଷ୍ମୀ ମନ୍ଦିରକୁ ଯାଇଥିଲେ। ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି ରାଜାରାଣୀ କିଛି ସମୟ ଜପ କରିଥିଲେ। ଏହାପରେ ନବଗ୍ରହ ଏବଂ ପାଟ ଅଗଣାରେ ନୀଳଚକ୍ରଙ୍କୁ ଦର୍ଶନ କରିଥିଲେ। ଶେଷରେ ସତ୍ୟନାରାୟଣଙ୍କୁ ଦର୍ଶନ କରି ପୁଣି ବଟ ଗଣେଶଙ୍କୁ ମୁଣ୍ଡିଆ ମାରି ଦକ୍ଷିଣ ଦ୍ୱାର ଦେଇ ବାହାରକୁ ବାହାରିଥିଲେ।

ପ୍ରାୟ ୧ ଘଣ୍ଟା ମନ୍ଦିର ଭିତରେ ରହି ଦକ୍ଷିଣ ଦ୍ୱାର ଦେଇ ବାହାରକୁ ଆସିଥିଲେ। ଗଜପତି ମହାରାଜା ଗଣମାଧମକୁ କହିଥିଲେ ଯେ, ପବିତ୍ର କାର୍ତ୍ତିକ ମାସରେ ମହାପ୍ରଭୁଙ୍କୁ ଦର୍ଶନ କଲୁ। ଏହି ପବିତ୍ର ପୀଠକୁ ବିଶେଷକରି କାର୍ତ୍ତିକ ମାସ ଏବଂ ପଞ୍ଚୁକରେ ଯେଉଁମାନେ ଆସୁଛନ୍ତି ସମସ୍ତେ ସନ୍ତୁଷ୍ଟ ହୋଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଫେରନ୍ତୁ। ଧାଡ଼ିଦର୍ଶନକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ସୁଚିନ୍ତିତ ବ୍ୟବସ୍ଥା କରିବେ। ଭକ୍ତମାନଙ୍କ ସୁବିଧା ହେଉଛି ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ। ଶ୍ରଦ୍ଧାଳୁମାନେ କିପରି ଶାନ୍ତିରେ ଏବଂ ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ସମସ୍ତ ସେବକ ଭାଇଙ୍କ ସହଯୋଗରେ ଏହାକୁ ସଫଳ କରିବେ ବୋଲି ମୋର ସମ୍ପୂର୍ଣ୍ଣ ଆଶା।

# ମାସ୍କଟ ଓଲିଙ୍କୁ ନୂଆପଡ଼ାରେ ସ୍ୱାଗତ

ନୂଆପଡ଼ା ଅଫିସ,୫।୧୧

ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ହକି ପାଇଁ ସଚେତନତା ବାର୍ତ୍ତା ନେଇ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା ମାସ୍କଟ ଓଲିଙ୍କୁ ନୂଆପଡ଼ାରେ ସ୍ୱାଗତ କରାଯାଇଛି। ପଡ଼ୋଶୀ ବଲାଙ୍ଗୀର ଜିଲା ପରିକ୍ରମା କରି ଓଲି ରବିବାର ସନ୍ଧ୍ୟାରେ ନୂଆପଡ଼ାରେ ପହଞ୍ଚିଥିଲା। ରବିବାର ସନ୍ଧ୍ୟାରେ ଓଲିଙ୍କୁ ସ୍ୱାଗତ କରାଯାଇଥିବାବେଳେ ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କ୍ରୀଡ଼ାଧିକାରୀ ଅଜୟ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଜିଲାପାଳ ଡା. ପୋମା ଟୁଡୁ ମୁଖ୍ୟଅତିଥି, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବୃଷଭ ଚନ୍ଦ୍ର ନାଏକ, ଉପଜିଲାପାଳ ତରଣୀସେନ ନାୟକ, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାପାଳ ଡା. ଟୁଡୁ ସମ୍ବୋଧିତ କରି ଏହି ବାର୍ତ୍ତାକୁ ସମଗ୍ର ଜିଲାରେ ବ୍ୟାପକ ଭାବରେ ପ୍ରଚାର ପ୍ରସାର କରାଯିବା ଉଚିତ ବୋଲି କହିଥିଲେ। ଅତିଥିମାନେ ଓଲି ସହ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ଗାୟତ୍ରୀ ମନ୍ଦିର ନିକଟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଭୁଦତ୍ତ ମିଶ୍ର, ରାଜୁ ବହିଦାର ପ୍ରମୁଖ ସହଯୋଗ କରିଥିଲେ।



ମାସ୍କଟ ଓଲି ପରିକ୍ରମା ସମୟରେ ସ୍ୱାଗତ ସମାରୋହରେ ଅତିଥିମାନେ।

**ସଂକ୍ଷେପରେ**

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**ଛେଣ୍ଡିପଦା, ୫।୧୧(ଡି.ଏନ.ଏ.)/(ସ୍ୱ.ପ୍ର):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ଥାନା ଦୁର୍ଗାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଈଶ୍ୱର ଚନ୍ଦ୍ର ପ୍ରଧାନ (୬୬)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ପ୍ରଥମେ ଜରପଡା ମେଡିକାଲ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନ ପ୍ରତିନିଧି, ଦଳୀୟ ନେତୃବୃନ୍ଦ ତାଙ୍କ ଶେଷଦର୍ଶନ କରିଛନ୍ତି। ବ୍ଲକ ଓ ଜିଲା କଂଗ୍ରେସ କମିଟି ପକ୍ଷରୁ ମଧ ଶୋକ ପ୍ରକାଶ ପାଇଛି। ଈଶ୍ୱର ଚନ୍ଦ୍ର ୫ ଥର ଦୁର୍ଗାପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

## ନାଲ୍‌କୋ ଡାକ୍ତରଖାନା ସମସ୍ୟା ଉପରେ ଆଲୋଚନା

ବଅଁରପାଳ, ୫।୧୧(ଡି.ଏନ.ଏ.)- ନାଲ୍‌କୋ ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ସୋମବାର ନାଲ୍‌କୋ ଶ୍ରମିକ ସଙ୍ଗଠନ ନେସ୍ ପକ୍ଷରୁ ଏକ ବୈଠକ ବସିଥିଲା। ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧିକାରୀ ଜୟଶ୍ରୀ ଘୋଷାଲଙ୍କ ସହ ସଙ୍ଗଠନର କର୍ମକର୍ତ୍ତାମାନେ ଚିକିତ୍ସାଳୟର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଜରୁରିକାଳୀନ ସମୟରେ ଗୁରୁତର ରୋଗୀଙ୍କୁ ବାହାରକୁ ରେଫର କରାଯାଇପାରୁ ନ ଥିବା, ଆବଶ୍ୟକ ସଂଖ୍ୟାରେ ଡାକ୍ତର ନିଯୁକ୍ତି ନ ହେବା, ନିଜସ୍ୱ ଔଷଧ କାଉଣ୍ଟରକୁ ୨୪ ଘଣ୍ଟା ଖୋଲାଯାଉ ନ ଥିବାବେଳେ ସମସ୍ତ ପ୍ରକାର ଔଷଧ ମହଜୁତ ରଖା ନ ଯିବା, ଡାକ୍ତରଖାନା ପରିବେଶ ପରିଷ୍କାର କରାଯାଉ ନ ଥିବା, ପାରିପାର୍ଶ୍ୱିକ ଅଞ୍ଚଳବାସୀ ଓ ଅବସରପ୍ରାପ୍ତ ନାଲ୍‌କୋ କର୍ମଚାରୀଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରାଯାଉ ନ ଥିବା ଆଦି ସମସ୍ୟା ଉପରେ ବୈଠକରେ ଆଲୋଚନା କରାଯାଇ ଏହାର ସମାଧାନ ପାଇଁ ଦାବି କରାଯାଇଥିଲା। ନେସର ସଭାପତି ଦିଲୀପ ମିଶ୍ର, ସାଧାରଣ ସମ୍ପାଦକ ନିର୍ମଳ ସାମଲ, କାର୍ଯ୍ୟକାରୀ ସଭାପତି ଭଦୁରାମ ସୋରେନ, ମୁରଲୀଧର ପଣ୍ଡା, ମଳୟ ସ୍ୱାଇଁ, ଜୀବନ ବିଶ୍ୱାଳ, ମନୋଜ ସ୍ୱାଇଁ, ବିକାଶ ପାଲ ପ୍ରମୁଖ ଶ୍ରମିକ ନେତା ଯୋଗ ଦେଇଥିଲେ। ଡାକ୍ତର ମୀନାକ୍ଷି ପଣ୍ଡା, ଡା. ସୌରବ ଦାସ, ଡା. ଏମ୍ ବାଗ୍‌ଚି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟାଗୁଡିକର ସ୍ଥାୟୀ ସମାଧାନ ପାଇଁ ଖୁବ୍‌ଶୀଘ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ଡା. ଘୋଷାଲ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

■ଲାପଟପ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ, ୨ ଗିରଫ

# ରାଜ୍ୟର ବିଭିନ୍ନ ସ୍ଥାନରୁ କରିଥିଲେ ଚୋରି

**ଅନୁଗୋଳ ଅଫିସ, ୫।୧୧**

ଅନୁଗୋଳ ପୋଲିସ ଏକ ଲ୍ୟାପଟପ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଲ୍ୟାପ୍‌ଟପ୍ ଚୋରି କରୁଥିବା ପୁରୀ ଜିଲା ସାତଶଙ୍ଖ ଅଞ୍ଚଳର ଗୁରୁଚରଣ ପୁଷ୍ପାଳକ(୫୮) ଓ ତାହାକୁ ଅଳ୍ପରେ କିଣି ଚଢ଼ା ଦରରେ ବଜାରରେ ବିକ୍ରି କରିବା ଅଭିଯୋଗରେ ଅଜୟ କୁମାର ପ୍ରଧାନ(୪୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଅନୁଗୋଳ ଥାନାରେ ନଂ. ୩୭୯/୧୮ରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ଡିପିଓ ହରିହର ପାଣି ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଛନ୍ତି ଯେ, ଭୁବନେଶ୍ୱରର ଏକ କମ୍ପାନୀରେ କାର୍ଯ୍ୟ କରୁଥିବା କଳାହାଣ୍ଡି ଜିଲାର ସୁବାସ ଶେଖର ବାବୁ(୩୩) ଗତ ଅକ୍ଟୋବର ୧ରେ ଅଫିସ କାର୍ଯ୍ୟରେ ଅନୁଗୋଳ ଆସିଥିଲେ। ସେ ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ଏକ ବସ୍‌ରେ ଭୁବନେଶ୍ୱର ଯିବା ପାଇଁ ଟିକେଟ କରିଥିଲେ। ବାହାରକୁ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କ ଲ୍ୟାପ୍‌ଟପ୍ ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ବସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ସମ୍ପୃକ୍ତ ଅଭିଯୁକ୍ତ ଗୁରୁଚରଣଙ୍କ ସମ୍ପର୍କରେ ଜାଣିପାରିଥିଲା। ଅଭିଯୁକ୍ତ ଜଣକ ଅନୁଗୋଳ ବସ୍‌ଷ୍ଟାଣ୍ଡର ଏକ ହୋଟେଲରେ ଖାଉଥିବା ସମୟରେ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ପଚରା ଉଚରା ବେଳେ ଗୁରୁଚରଣ ପୋଲିସକୁ ଅନେକ ତଥ୍ୟ ଦେଇଥିଲେ। ଦୀର୍ଘ ୨୦ ବର୍ଷ ହେବ ସେ ବିଭିନ୍ନ ସ୍ଥାନରୁ ବିଶେଷକରି ବାଲେଶ୍ୱର, ଭଦ୍ରକ, କଟକ ଓ ଅନୁଗୋଳରୁ ଲ୍ୟାପଟପ୍ ଚୋରି କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଭୁବନେଶ୍ୱର ରେଳ ଷ୍ଟେଶନରୁ ଚୋରି ବେଳେ ସେ ଗିରଫ ହୋଇ ୮ ମାସ ଜେଲ୍ ଯାଇଥିଲେ। ଜେଲ୍‌ରୁ ଫେରିବା ପରେ ସେ ପୁଣି ଚୋରି କରିବା ଆରମ୍ଭ କରିଦେଇଥିଲେ। ଲ୍ୟାପଟପ୍ ଚୋରି ପରେ ତାଙ୍କ ପୁତୁରା ସେଥିରେ ସଫ୍ଟୱେୟାର ଅଦଳ ବଦଳ କରୁଥିଲେ। ପରେ ସେଗୁଡ଼ିକୁ ଭୁବନେଶ୍ୱରରେ ଚାକିରି କରୁଥିବା ଅଜୟଙ୍କୁ ବିକ୍ରି କରୁଥିଲେ। ପ୍ରତ୍ୟେକ ଲ୍ୟାପଟପ୍ ୫ ହଜାର ଟଙ୍କାରେ ଅଜୟ କିଣି ଚଢ଼ା ଦରରେ ବଜାରରେ ବିକ୍ରି କରୁଥିବା ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ରିମାଣ୍ଡରେ ଆଣି ପଚରା ଉଚରା କରାଯିବ। ଅଭିଯୋଗକାରୀମାନେ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ଅନୁଗୋଳ ଥାନାରୁ ସେମାନଙ୍କ ଲ୍ୟାପଟପ୍ ନେଇପାରିବେ ବୋଲି ଥାନା ଅଧିକାରୀ କହିଛନ୍ତି।


ଗିରଫ ୨ ଅଭିଯୁକ୍ତଙ୍କ ସହ ପୋଲିସ।



ଗୀତା ପ୍ରତିଯୋଗିତା ଅବସରରେ ମଞ୍ଚାସୀନ ଅତିଥିମାନେ।

# ଗୀତା ଆବୃତ୍ତି, ଲିଖନ ପ୍ରତିଯୋଗିତା

**ବଣ୍ଡା, ୫।୧୧(ଡି.ଏନ.ଏ.)**

କିଶୋରନଗର ହାଇସ୍କୁଲ ପରିସରରେ ସୋମବାର ଶିବାନନ୍ଦ ସେବାଶ୍ରମର ଦିବ୍ୟ ଜୀବନ ସଂଘ ପକ୍ଷରୁ ଗୀତା ଆବୃତ୍ତି ଓ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କିଶୋରନଗର, ଓସ୍କାପାଲି, କଦଳୀମୁଣ୍ଡା, ବାମୁର ଆଦି ହାଇସ୍କୁଲର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟଅତିଥି ଭାବେ ସ୍ୱାମୀ କୃଷ୍ଣ ଦଶାନନ୍ଦଜୀ ମହାରାଜ ଯୋଗଦେଇ ସନାତମ ଧର୍ମକୁ ସମସ୍ତେ ଆପଣାଇବା ସହ ସଂସ୍କୃତିକୁ ଗ୍ରହଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦିବ୍ୟଜୀବନ ସଂଘର ସଭାପତି ଧନଞ୍ଜୟ ସେନ, ସମ୍ପାଦକ ଅକ୍ଷୟ କୁମାର ଦାସ, ପଦ୍ମଚରଣ ମହାପାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଶୁଭ୍ରାଂଶୁ ଶେଖର ସାହୁ, ଋଷଭ ରାଉଳ, ସନ୍ତୋଷ କୁମାର ପ୍ରଧାନ ସହଯୋଗ କରିଥିଲେ।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ


ଅଭିଭାବକମାନେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଛନ୍ତି।

**ମାଧପୁର, ୫।୧୧**

ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ନେଇ ସୋମବାର ଅଭିଭାବକମାନେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶିକ୍ଷା ବଞ୍ଚାଓ କ୍ରିୟାନୁଷ୍ଠାନ କମିଟି ଏବଂ ବରିଷ୍ଠ ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ବହୁ ଅଭିଭାବକ ସାମିଲ ହୋଇଥିଲେ। ଅଭିଭାବକଙ୍କ ଅଭିଯୋଗ ମୁତାବକ, ବିଦ୍ୟାଳୟରେ ୩୯୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ବର୍ତ୍ତମାନ ଜଣେ ପ୍ରଧାନ ଶିକ୍ଷକ, ୨ ଜଣ ବିଜ୍ଞାନ ଶିକ୍ଷକ, ଜଣେ ହିନ୍ଦୀ, ଜଣ ସଂସ୍କୃତ ଏବଂ ଜଣେ ଖେଳ ଶିକ୍ଷକ ରହିଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ପାଠ ପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏ ଦିଗରେ ବିଭାଗ ସଜାଗ ହୋଇ ସ୍କୁଲରେ ଶିକ୍ଷକ ନିଯୁକ୍ତ କରିବାକୁ ଦାବି ହୋଇଛି। ତେବେ ବିକ୍ଷୋଭ ସ୍ଥଳରେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ନ ଥିବାରୁ ବିକ୍ଷୋଭକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ରୋଗପୋକ ନିୟନ୍ତ୍ରଣ ତାଲିମ ଶିବିର

**ବଅଁରପାଳ,୫।୧୧ (ଡି.ଏନ୍.ଏ.)**

ବଅଁରପାଳ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହ ଠାରେ ସୋମବାର ଧାନ ଫସଲରେ ମାଟିଆ ଗୁଣ୍ଡି ଓ ଧଳାପିଠିଆ ଗୁଣ୍ଡପୋକ ନିୟନ୍ତ୍ରଣ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଅନୁକୂଲ୍ୟରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ କୃଷକ ଉପଦେଷ୍ଟା କମିଟି ସଭାପତି ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ରୋଗ ପୋକ ଦାଉରୁ ଚାଷକୁ ରକ୍ଷା କରିବା ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। କୃଷି ଶସ୍ୟ ସଂରକ୍ଷଣ ଅଧିକାରୀ ନୃସିଂହ ଚରଣ ନାୟକ କୃଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଏଓ ସ୍ମିତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଏଓ ସୁମନ୍ତ କୁମାର ନାୟକ ଶିବିର ପରିଚାଳନା କରିଥିବା ବେଳେ ୪୦ ଜଣ କୃଷକ ସାଥି ଓ କୃଷକ ଯୋଗ ଦେଇଥିଲେ। ସତ୍ୟବ୍ରତ ତ୍ରିପାଠୀ, ମନୋଜ ଦାସ, ପ୍ରଭାତ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ମଞ୍ଚାସୀନ ଅତିଥିମାନେ।

# ସରକାରୀ ମାନ୍ୟତା ନ ମିଳିଲେ ଆନ୍ଦୋଳନ

**ରାଇରଙ୍ଗପୁର,୫।୧୧(ଡି.ଏନ.ଏ.)**

ରାଇରଙ୍ଗପୁର କୁଡୁମୀ ଭବନ ପରିସରରେ ସୋମବାର ରାଇରଙ୍ଗପୁର କାଶିରାଜ ବୈଦ୍ୟସଂଘ ପକ୍ଷରୁ କାଳିପୂଜା ଅବସରରେ ଧନ୍ୱନ୍ତରୀ ପୂଜା ପାଳିତ ହୋଇଛି। ଏହି ଅବସରରେ ସଂପୃକ୍ତ ବୈଦ୍ୟ ସଙ୍ଗଠନର ସମସ୍ତ ବୈଦ୍ୟ କର୍ମକର୍ତ୍ତାଗଣ ଧନ୍ୱନ୍ତରୀଙ୍କ ଫଟୋରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ବୈଠକରେ ରାଇରଙ୍ଗପୁର ଅଞ୍ଚଳସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଥିବା ବନଔଷଧୀ ଗଛର ଚାରା କରାଯାଇଥିବା କୁହାଯାଇଥିଲା। ହେଲେ ବୈଦ୍ୟମାନଙ୍କୁ ସରକାରୀ ମାନ୍ୟତା ପ୍ରତି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବୈଦ୍ୟ ସଙ୍ଗଠନ ସଭାପତି ବୈଦ୍ୟନାଥ ମହାକୁଡ, ସମ୍ପାଦକ ଯୁଗୋଳ କିଶୋର ମହାନ୍ତ ଉପସ୍ଥିତ ଥିଲେ।

# ଶେଷ ପର୍ଯ୍ୟାୟରେ ଦୀପାବଳି ପ୍ରସ୍ତୁତି

**ଅନୁଗୋଳ ଅଫିସ, ୫।୧୧**

ଦୀପାବଳି ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଅନୁଗୋଳ ସହର। ସହରର ୫ ସ୍ଥାନରେ କାଳିପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବସଷ୍ଟାଣ୍ଡ, ହେମସୁରପଡ଼ା, ଦଶହରାପଡ଼ିଆ, ଡେଲିମାର୍କେଟ ଓ ଚଣ୍ଡିବଜାର ପ୍ରମୁଖ ସ୍ଥାନରେ କାଳୀ ପୂଜା ପାଇଁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି।

ଦୀପାବଳି ପୂର୍ବରୁ ଦୀପ ଓ ଲାଇଟ୍ ଦୋକାନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ବିଶେଷ କରି ପୁରୁଣା ଦୀପ କିଣିବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି। ବଜାର ଛକ ଠାରୁ ଆରମ୍ଭ କରି ଡେଲି ମାର୍କେଟ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ଦୀପର ପସରା ମେଲାଇଛନ୍ତି। ଦୀପର ଦର ୧ ଟଙ୍କାରୁ ଆରମ୍ଭ କରି ୧୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ରାଶି ତେଲର ଲିଟର ପିଛା ଦର ଶହେ ଟଙ୍କା ରହିଛି। ଏଥିସହ ଏଲଇଡ଼ି ଲାଇଟ ଦୋକନରେ ମଧ ବ୍ୟବସାୟ ଜୋରଦାର ଚାଲିଛି। ସେହିପରି ଧନ୍‌ତେରସ କାରଣରୁ ସହରରେ ଥିବା ବିଭିନ୍ନ ସୁନା ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସୁନା ଦୋକାନରେ ଗହଳି ଦେଖି ଅନୁଗୋଳ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ବଜାର ମଧ୍ୟକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକରେ ପୋଲିସ ମୁତୟନ କରାଯାଇଥିଲା। ସାଦା ପୋଷାକରେ ସହର ସାରା ପୋଲିସ ପଇଁତରା ମାରିଥିଲା। ବିଭିନ୍ନ ସୁନା ଦୋକାନ ସମ୍ମୁଖରେ ମଧ ପୋଲିସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଢେଙ୍କାନାଳରୁ ଆସିଥିବା ୪ ଜଣ ଯୁବକଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା ପରେ ଛାଡି ଦେଇଥିବା ଜଣାପଡିଛି।


ଦୀପ ଦୋକାନରେ ଗ୍ରାହକଙ୍କ ଭିଡ଼।

■ଅନୁଗୋଳ ସହର ଚଳଚଞ୍ଚଳ
■ରାସ୍ତାପାର୍ଶ୍ୱରେ ଦୀପ ବେପାରୀଙ୍କ ପସରା
■ସୁନା ଦୋକାନରେ ଭିଡ଼

DSPL-238
MAKE IN ODISHA Conclave
BHUBANESWAR, 11-15 NOVEMBER, 2018
Chilika Development Authority
Govt. of Odisha

ଚିଲିକାରେ ଭସାପୋଲ ର
ଶୁଭ ଉଦ୍‌ଘାଟନ
ସାତପଡା, ପୁରୀ
୦୬ ନଭେମ୍ବର୨୦୧୮, ପୂର୍ବାହ୍ନ ୧୦ଘଟିକା

ଶ୍ରୀଯୁକ୍ତ ସଂଜୟ କୁମାର ଦାସବର୍ମା
ମାନ୍ୟବର ଅଧ୍ୟକ୍ଷ, ପ୍ରାକ୍‌କଳନ କମିଟି, ଓଡିଶା ବିଧାନସଭାଙ୍କ
କରକମଳରେ ଶୁଭ ଉଦ୍‌ଘାଟିତ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର, ଭା.ପ୍ର.ସେ.
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ଦାସ, ଓ.ପ୍ର.ସେ.
ଜିଲ୍ଲାପାଳ, ପୁରୀ
ଡକ୍ଟର ସାର୍ଥକ ଷଡଙ୍ଗୀ, ଭା.ପୋ.ସେ.
ଆରକ୍ଷୀ ଅଧିକ୍ଷକ, ପୁରୀ

ସମ୍ମାନିତ ଅତିଥି
ଶ୍ରୀମତୀ ସୌଦାମିନୀ ମାନସିଂହ, ଅଧ୍ୟକ୍ଷା, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି
ଶ୍ରୀଯୁକ୍ତ ପ୍ରଫୁଲ କୁମାର ଜେନା, ଉପାଧ୍ୟକ୍ଷ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି
ଶ୍ରୀମତୀ ବନ୍ଦନା ପ୍ରଧାନ, ସଭ୍ୟା, ଜିଲ୍ଲାପରିଷଦ, ପୁରୀ
ଶ୍ରୀମତୀ ପ୍ରଭାତୀ ପ୍ରଧାନ, ସଭ୍ୟା, ଜିଲ୍ଲାପରିଷଦ, ପୁରୀ
ଶ୍ରୀଯୁକ୍ତ ତ୍ରିନାଥ ସାମନ୍ତରାୟ, ସରପଞ୍ଚ, ସାତପଡା ଗ୍ରାମପଞ୍ଚାୟତ
ଶ୍ରୀଯୁକ୍ତ ଚିତ୍ରସେନ ସାହୁ, ସମିତିସଭ୍ୟ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି

ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ





ଶ୍ରୀଯୁକ୍ତ ସୁଶାନ୍ତ ନନ୍ଦ, ଭା.ବ.ସେ.
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର
08013/13/0001/1819
ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମଧ୍ୟାହ୍ନ ଭୋଜନ ସଚେତନତା ମେଳା
ସ୍ଥାନ-ବ୍ରଜନାଥ ବଡଜେନା ହାଇସ୍କୁଲ ପରିସର
ସମୟ- ପୂର୍ବାହ୍ନ ସାଢେ ୯ଟା।

## ସଂକ୍ଷେପରେ

### ପଲିଥିନ ବ୍ୟବହାର ନ କରିବାକୁ ସଂକଳ୍ପ

ଖଇରା, ୫।୧୧(ଡି.ଏନ.ଏ.)
ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ବେଗୁନିଆ ୟୁଜିୟୁପି ବିଦ୍ୟାଳୟରେ ଶନିବର ପଲିଥିନ ବ୍ୟବହାରର ଭୟାବହତାକୁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ପରିବେଶବିତ ପୂର୍ଣ୍ଣଚନ୍ଦ୍ର ସେଣ୍ଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରୀଛାତ୍ରଙ୍କର ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ପ୍ରଧାନଶିକ୍ଷକ କମଳାକାନ୍ତ ସେଣ୍ ଏଥିରେ ପୌରୋହିତ୍ୟ କରିଥିଲେ। ଜଳଙ୍ଗ ଗଣ୍ଡିବେଡର ସିଆରସିସି ତପନ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିବେଶ ଉପରେ ପଲିଥିନର କୁପ୍ରଭାବକୁ ନେଇ ବକ୍ତବ୍ୟ ରଖିଥିଲେ। ପରେ ପଲିଥିନ ବ୍ୟବହାର ନ କରିବାକୁ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ମାନେ ସଙ୍କଳ୍ପ ନେଇଥିଲେ।

### ରେଳ ଧାରଣାରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ବସ୍ତା,୫।୧୧(ସ୍ୱ.ପ୍ର.)
ବାଲେଶ୍ୱର ଜିଲା ଅମର୍ଦ୍ଦାରୋଡ୍ ନିକଟସ୍ଥ ଡାଉନ ରେଳଧାରଣା ପାର୍ଶ୍ୱରୁ ଜଣେ ୬୦ବର୍ଷର ବୃଦ୍ଧାଙ୍କ ମୃତଦେହକୁ ବିଭାଗୀୟ ପୋଲିସ ଉଦ୍ଧାର କରିଛି। ମୃତ ବୃଦ୍ଧାଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଜଣେ ଭିକାରୁଣୀ ବୋଲି କୁହାଯାଉଛି। ଏନେଇ ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୪/୧୮) ରୁଜୁ କରିବା ସହ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

### ୨ କାଠ କଟାଳି ଗିରଫ

**ନୀଳଗିରି, ୫।୧୧(ଡି.ଏନ.ଏ.):**
ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡସ୍ଥ କୁଲଡିହା ଅଭୟାରଣ୍ୟର ବାଲିଆନାଳ ବିଟ୍ ଖୋଦୁ ପୋଖରି ଗାଂ ନିକଟରେ ଅଭିଯୁକ୍ତ ଦ୍ୱୟ ଜଙ୍ଗଲରୁ ଚାର କୋଳି ଗଛ କାଟି ସାଇକେଲରେ ବୋଝେଇ କରି ଆସୁଥିବା ବେଳେ ବନବିଭାଗ ଚଢାଉକରି ଗିରଫ କରିଛନ୍ତି। ସେମାନେ ହେଲେ ଚତିରିପଡା ଗାଁର ହରିଶ୍ଚନ୍ଦ୍ର ହେମ୍ବ୍ରମ ଓ ଜିତିରାୟ କିସ୍କୁ। ଏନେଇ ବିଭାଗରେ ଏକ ମାମଲା(ନଂ.୧୩/୧୮) ରୁଜୁ ହୋଇଛି। ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ବନାଳ ପରମାନନ୍ଦ ନାୟକଙ୍କ ନେତୃତ୍ୱରେ ଏହି ପାଟ୍ରୋଲିଂ କରାଯାଇଥିଲା।

### ଚୋରା ଖାଦାନରେ ଚଢ଼ାଉ

**ନୀଳଗିରି,୫।୧୧(ଡି.ଏନ.ଏ.):** ନୀଳଗିରି ତହସିଲଦାର ସୋମବାର ମିରିଗିଣି ଗାଁର ଚୋରା ଖାଦାନରେ ଚଢାଉକରି ୩ହଜାର ଘନଫୁଟ ପଥର ଜବତ କରିଛନ୍ତି। ପଥରକୁ ଗାଡି ଯୋଗେ ବୋହି ଆଣି ତହସିଲ ଅଫିସ ପରିସରରେ ଗଦା କରାଯାଉଛି। ଜବତ ପଥରକୁ ନିଲାମ କରାଯିବ ବୋଲି ତହସିଲଦାର ରାଜେନ୍ଦ୍ର କୁମାର ପଣ୍ଡା କହିଛନ୍ତି। ମିରିଗିଣି ପାହାଡରେ ଚୋରା ବେପାରି ପଥର ଖାଦାନ କରି ବାହାରକୁ ଚାଲଣ କରୁଥିବାର ବିଶେଷ ସୂତ୍ରରୁ ଖବର ପାଇ ପୂର୍ବାହ୍ନରେ ପୋଲିସ ସହାୟତରେ ଚଢାଉ ହୋଇଥିଲା। ଏଥିରେ କାହାରିକୁ ଚିହ୍ନଟ କରାଯାଇ ନାହିଁ ବୋଲି କୁହାଯାଇଛି।

### ବିଷ୍ଣୁଙ୍କ ବାର୍ଷିକ ପୂଜୋତ୍ସବ

ରୂପ୍‌ସା, ୫।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ବାରାପାଳ ଗାଁରେ ଚଳିତବର୍ଷ ବିଷ୍ଣୁଙ୍କ ବାର୍ଷିକ ପୂଜା ଉତ୍ସବ ପାଳିତ ହୋଇଯାଇଛି। ୪ଦିନ ବ୍ୟାପୀ ଅନୁଷ୍ଠିତ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀ ଭିନ୍ନ ଭିନ୍ନ ଅବତାରରେ ପ୍ରତିବର୍ଷ ପ୍ରଭୁ ବିଷ୍ଣୁ ଦେବଙ୍କର ଯଥାବିଧି ପୂଜାର୍ଚ୍ଚନା କରିଥାନ୍ତି। ଏଥର ରାମ ଅବତାରରେ ପୂଜାର୍ଚ୍ଚନା କରି ଶ୍ରଦ୍ଧାଳୁମାନେ ଆଶିଷ ଲଭିଛନ୍ତି। ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ ଓ ଗଙ୍ଗାଧର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ୩ ଦିନ ଭଗବାନ ଶ୍ରୀକୃଷ୍ଣଙ୍କର ସମସ୍ତ ଲୀଳା ସମ୍ପର୍କିତ ହରିବଂଶ ପାଠ କରାଯାଇଥିଲା। ଗାଁର ମୁରବୀ ଅବସରପ୍ରାପ୍ତ ପୋଲିସ ଅଧିକାରୀ ପୁରୁଷୋତ୍ତମ ତ୍ରିପାଠୀଙ୍କ ସମେତ ପୂଜା କମିଟି କର୍ମକର୍ତ୍ତା ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ରାମଚନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ୍ତ ପାଣିଗ୍ରାହୀ, ଶଙ୍କର୍ଷଣ ପତି, କାଳିଚରଣ ପତି ଓ ପ୍ରଫୁଲ୍ଲ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ଶମ୍ବର ମାଂସ ଜବତ, ଜଣେ ଗିରଫ

# ପ୍ରତିବାଦରେ ବିକ୍ଷୋଭ, ଉତ୍ତେଜନା

**ବନ୍ତଳା, ୫।୧୧(ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ଅଧୀନରେ ଥିବା ବଲଙ୍ଗ ରିଜର୍ଭ ଫରେଷ୍ଟ କମ୍ପାର୍ଟମେଣ୍ଟ କଣ୍ଟମେଘ ଗ୍ରାମର ଅନାଥ ସାହୁ ସମ୍ବର ମାଂସ ରୋଷେଇ କରୁଥିବାବେଳେ ବିଭାଗୀୟ କର୍ମଚାରୀ ରବିବାର ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ଏଥିସହ ପ୍ରାୟ ୨ କେଜି ରନ୍ଧା ମାଂସ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ନଂ. ୪ବି/୨୦୧୮-୧୯, ସେକ୍ସନ ୯, ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ମାମଲା ରୁଜୁ ସହ ଜବତ ମାଂସକୁ ଫୋରେସିକ୍ସ ଲାବ୍ରୋଟାରୀକୁ ପଠାଯାଇଛି। ଏଥିସହ ସୋମବାର ଅନାଥଙ୍କୁ କୋର୍ଟଚାଲାଣ କରାଯାଇଛି। ଏହାକୁ ନେଇ କଣ୍ଟମେଘ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ ଏହାର ପ୍ରତିବାଦରେ ସୋମବାର ଅପରାହ୍ନରେ ବନ୍ତଳା ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଗ୍ରାମ ସଭାପତି ଗୌତମ ପ୍ରଧାନ, ସମ୍ପାଦକ ଘନଶ୍ୟାମ ମହାଳିକ, କୋଷାଧ୍ୟକ୍ଷ ବିଷ୍ଣୁ ଚରଣ ଦେହୁରୀ, ଈଶ୍ୱର ଦେହୁରୀ, ସାରଙ୍ଗ ଧର ପ୍ରଧାନ, ବାସନ୍ତୀ ସାହୁ,ମଞ୍ଜରୀ ନାଏକ ପ୍ରମୁଖ ଗ୍ରାମବାସୀଙ୍କ କହିବା ମୁତାବକ, ଶନିବାର ସକାଳେ ଗ୍ରାମର କିଛି ମହିଳା ପୁରୁଷ ଛେଳି ଓ ଗାଈ ଚରାଇ ଯାଇଥିବା ସମୟରେ ଜଙ୍ଗଲରେ କୌଣସି ପ୍ରାଣୀ ମରିପଡିଥିବା ଦେଖିଥିଲେ। ଏ ନେଇ ଛେଳି ଓ ଗାଈଚରାଳିମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଏହା ଏକ ସମ୍ବରର ମୃତଦେହ ବୋଲି ଜଣାପଡିଥିଲା। ମୃତ ସମ୍ବରର କିଛି ମାଂସ କୁକୁର କିମ୍ବା ଆଉ କେଉଁ ପ୍ରାଣୀ ଖାଇଦେଇଥିଲେ। ବଳକା ମାଂସକୁ ଗ୍ରାମବାସୀ ଭାଗ କରି ଘରକୁ ନେଇଯାଇଥିଲେ। କୌଣସି ଗ୍ରାମବାସୀ ସମ୍ବର ଶିକାର କରି ନ ଥିବାବେଳେ ଜଣେ ନିର୍ଦ୍ଦୋଷଙ୍କୁ ଗିରଫ କରାଯାଇଥିବା ବିକ୍ଷୋଭକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସମସ୍ତ ଗ୍ରାମବାସୀ ଏହି ମାଂସ ଖାଇଥିବାରୁ ସମସ୍ତଙ୍କୁ ଗିରଫ କରାଯାଉ ବୋଲି କହି ରେଞ୍ଜ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଘେରାଉ ଜାରି ରହିଛି। ଏ ବିଷୟରେ ରେଞ୍ଜ ଅଧିକାରୀ ଦାୟିତ୍ୱରେ ଥିବା ଧନରାଜ ଏଚ୍. ଡି. କହିଛନ୍ତି, ରବିବାର ରାତିରେ ବଲଙ୍ଗ ରିଜର୍ଭ ଫରେରେ ଏକ ସମ୍ବର ଶିକାର କରି କେତେଜଣ ମାଂସ ଭାଗ କରି ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲୁ। ସୋମବାର ଚଢ଼ାଉ କରି ରନ୍ଧା ମାଂସ ଜବତ କରାଯାଇଛି। ମାଂସ ରାନ୍ଧୁ ଥିବା ଅନାଥଙ୍କୁ ଗିରଫ କରିବା ସହିତ ଫୋରେସିକ୍ସ ଲାବୋରେଟୋରୀକୁ ପରୀକ୍ଷା ପାଇଁ ପଠା ଯାଇଛି। ଗ୍ରାମବାସୀ ମାଂସ ଖାଇଥିବା କହୁଛନ୍ତି। ଏହାର ତଦନ୍ତ କରାଯିବ।



ଗ୍ରାମବାସୀ ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଛନ୍ତି।



## ଲିଟିଲ ହାର୍ଟ୍ସରେ ସ୍ୱାସ୍ଥ୍ୟ ଶିବିର

**ଅନୁଗୋଳ ଅଫିସ, ୫।୧୧**

ଅନୁଗୋଳ ଶିମିଳିପଡ଼ା ସ୍ଥିତ ଲିଟିଲ୍ ହାର୍ଟ୍ସ ଟଡଲର୍ସ ଏକାଡେମୀ ପ୍ଲେ ସ୍କୁଲରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଡା.ଶ୍ୱେତା ଗୁପ୍ତା ଏହି ଶିବିରରେ ଶତାଧିକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଗଠନ ଦିଗରେ ଅଭିଭାବକମାନଙ୍କ ଗୁରୁଦାୟିତ୍ୱ ଉପରେ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିବା ବେଳେ ନିର୍ଦ୍ଦେଶକ ହେମନ୍ତ ଗୋହିଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଷମା ପାଇବେ ରେଣୁବାଳା ସମ୍ମାନ

**ଢେଙ୍କାନାଳ ଅଫିସ, ୫।୧୧**

ଢେଙ୍କାନାଳର ବିଭାବନା ସାହିତ୍ୟ ପତ୍ରିକାର ୩୨ତମ ବାର୍ଷିକ ଉତ୍ସବ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବା ଏଥିପାଇଁ ସୋମବାର ସକାଳ ୯ଟାରେ ବିଭାବନା କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ସାହିତ୍ୟିକା ସୁଷମା ଲେଙ୍କାଙ୍କୁ ରେଣୁବାଳା ସ୍ମୃତି ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ବିଭାବନାର ସମ୍ପାଦକ ତଥା ଓଡ଼ିଆ ସାହିତ୍ୟ ଏକାଡେମୀ ସଦସ୍ୟ ମନୋରଞ୍ଜନଙ୍କ ଅଧ୍ୟକ୍ଷତାରେ ସଂଯୁକ୍ତା ମହାପାତ୍ର, ଭୁବନ ମୋହନ ମହାନ୍ତି, ବାଇଧର ବେହେରା ବିଚାରକ ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭାମାନଙ୍କର ନାମ ଚୟନ କରିଥିଲେ। ସେହିପରି ଶୈଳବାଳା ସ୍ମୃତି ସମ୍ମାନରେ ବିଦେଶୀ ଭଞ୍ଜ ଓ ବିଭାବନା ସମ୍ମାନରେ ସଂଯୁକ୍ତା ମିଶ୍ର, ଉମେଶ ଚନ୍ଦ୍ର ଦାସ ଓ ଗୋଲାପ ମଞ୍ଜରୀ ନନ୍ଦ ପ୍ରମୁଖ ସମ୍ମାନିତ ହେବେ ବୋଲି ସୂଚନା ଦିଆଯାଇଛି।

## ଜରପଡା ଡାକ୍ତରଖାନା ସମ୍ମୁଖରେ ଗଣଧାରଣା


ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯାଇଛି।

**ଛେଣ୍ଡିପଦା,୫।୧୧(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଜରପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ମାନ୍ୟତା, ଆବଶ୍ୟକୀୟ ଡାକ୍ତର, ନର୍ସ, କର୍ମଚାରୀ ନିଯୁକ୍ତି ଆଦି ଦାବିରେ ସୋମବାର ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ଜରପଡା ୟୁନିଟ୍ ପକ୍ଷରୁ ଜରପଡା ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। କମିଟିର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ମାନସ ପାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଜରପଡା ସରପଞ୍ଚ ଭାନୁପ୍ରିୟା ପ୍ରଧାନ, ପୂର୍ବତନ ସରପଞ୍ଚ ନାରାୟଣ ସାହୁ, ତୁକୁଡାର ପୂର୍ବତନ ସରପଞ୍ଚ ହୃଷୀକେଶ ସାହୁ, ପ୍ରତାପ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ କେଦାର ପ୍ରଧାନ, ଭୋଳେଶ୍ୱର ଗୋଚ୍ଛାୟତ, ସୁବାସ ପ୍ରଧାନ, ଚରଣ ବେହେରା, ପିତବାସ ଦେହୁରୀ, ଭରତ ନାଏକ, ନବକିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ତୁରନ୍ତ ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ପରେ ଦାୟିତ୍ୱରେ ଥିବା ଡାକ୍ତରଖାନା ଅଧିକାରୀଙ୍କ ଜରିଆରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

**ରାଇରଙ୍ଗପୁର,୫।୧୧(ଡି.ଏନ.ଏ.):**

ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ପଶ୍ଚିମ ମୟୂରଭଞ୍ଜ ଭାଜପା ଦଳୀୟ ଶାଖା ପକ୍ଷରୁ ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ଦଳୀୟ କର୍ମକର୍ତ୍ତା ଏବଂ କର୍ମୀଗଣ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ପଦଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ସମ୍ପୃକ୍ତ ଭାଜପା ଦଳୀୟ ସଭାପତି ନବୀନ କୁମାର ରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ ରାଜ୍ୟ ଉପସଭାପତି ରାଜକିଶୋର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ କୁମାର ମହାନ୍ତି, ନବଚରଣ ମାଝୀ, ରାଜ୍ୟ ଆଦିବାସୀ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ହାଁସଦା, ଯାମଦା ଏବଂ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷା ମାଳତୀ ଆଲଦା, ଜିଲା ଆଦିବାସୀ ମୋର୍ଚ୍ଚାର ସଭାପତି ଜୟପାଲ ସିଂ ନାଏକଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## ଟିପ୍ପର ଧକ୍କାରେ ଛାତ୍ର ମୃତ, ରାସ୍ତାରୋକୋ



**ବଇଣ୍ଡା, ୫।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ମହୁଲନାଳୀ ଗ୍ରାମ ନିକଟରେ ସୋମବାର ସକାଳେ ଏକ ବାଲି ବୋଝେଇ ଟିପ୍ପର ଧକ୍କାରେ ଦଶମ ଶ୍ରେଣୀ ଛାତ୍ର ସାନହୁଲା ପଞ୍ଚାୟତ ଶଳିଢିପ ସାହିର ଲକ୍ଷ୍ମୀଧର ରାଉତଙ୍କ ପୁଅ ସନ୍ତୋଷ ରାଉତ(୧୫)ଙ୍କ ମୃତ୍ୟୁ ହୋଇଛି। ଏଥିସହ ଜଣେ ନବମ ଶ୍ରେଣୀ ଛାତ୍ର କୁଶ ବେହେରା(୧୪) ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସନ୍ତୋଷଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ଅଞ୍ଚଳବାସୀ ବଇଣ୍ଡା- ଆଠମଲ୍ଲିକ ପୂର୍ତ୍ତବିଭାଗ ରାସ୍ତାର ସାନହୁଲାଠାରେ ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ଘଟଣାସ୍ଥଳରେ ଆଠମଲ୍ଲିକ ତହସିଲଦାର ବାସୁଦେବ ମହାପାତ୍ର, ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ ପହଞ୍ଚି ଉତ୍ତେଜିତ ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିବାସହ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା, ଗାଡିବୀମା ପକ୍ଷରୁ ୫ ଲକ୍ଷ, ଗଣ ଶିକ୍ଷା ବିଭାଗ ବୀମା ପକ୍ଷରୁ ୨ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ କହିଛି, ସନ୍ତୋଷ ଓ ମହୁଲନାଳୀ ଗ୍ରାମର କୁଶ ଏକ ସାଇକେଲ ଯୋଗେ ସାନହୁଲା ପଞ୍ଚାୟତିରାଜ ହାଇସ୍କୁଲକୁ ପାଠ ପଢିବା ପାଇଁ ଯାଉଥିଲେ। ସେହି ସମୟରେ ଆଠମଲ୍ଲିକରୁ ମହୁଲନାଳୀ ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ଟ୍ରକ୍ ( ନଂ. ଓଆର ୦୯ସି ୯୩୪୩) ଉଭୟଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରାଯିବା ସହ ନଂ. ୧୦୬/୧୮ରେ ଏକ ମାମଲା ରୁଜୁ ହୋଇଛି।

## ପ୍ରଦୂଷଣ ନିରାକରଣ ନିମନ୍ତେ ଦାବିପତ୍ର


ଉପଜିଲାପାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର,୫।୧୧(ନି.ପ୍ର.)**

ପ୍ରଦୂଷଣର ନିରାକରଣ ନିମନ୍ତେ ସୋମବାର ତାଳଚେର ସ୍ୱାଭିମାନ ମଞ୍ଚ ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ୫୩ ନମ୍ବର ଜାତୀୟ ରାଜପଥରେ ପ୍ରତ୍ୟେହ ହଜାର ହଜାର କୋଇଲା ବୋଝେଇ ଟ୍ରକ୍ ଯାତାୟାତ କରିବା ଦ୍ୱାରା ବାଙ୍କଧରା ଛକ ଠାରୁ ଚାଇଁପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରବଳ ପ୍ରଦୂଷଣ ସୃଷ୍ଟି ହେଉଛି। ଧୂଳି ଧୂଆଁ ଏପରି ପରିସ୍ଥିତି ସୃଷ୍ଟି କରୁଛି ଯେ ଦିନ ବି ଏଠି ରାତି ଭଳି ମନେ ହେଉଛି। ଏଥିଯୋଗୁ ପଥଚାରୀ, ଛାତ୍ରୀଛାତ୍ର, ଅଞ୍ଚଳବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ପ୍ରଦୂଷଣଜନିତ ରୋଗ ସହିତ ଡଷ୍ଟ ଆଲର୍ଜି ବଢିବାରେ ଲାଗିଛି। ବାରମ୍ବାର ଏ ନେଇ ଆପତ୍ତି, ଅଭିଯୋଗ ପରେ ବି ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଏମ୍‌ସିଏଲ୍ କେହି ଏ ଦିଗରେ ପଦକ୍ଷେପ ନେଉନାହାନ୍ତି। ଗତ ଅକ୍ଟୋବର ୩୧ରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ହେଲା ନାହିଁ। ତାଳଚେରବାସୀଙ୍କ ସ୍ୱାର୍ଥ ପାଇଁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ମଞ୍ଚ ଦାବି କରିଛି। ଅନ୍ୟଥା ଆଗାମୀ ଦିନରେ ମଞ୍ଚ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ସଭାପତି ନିରଞ୍ଜନ ପ୍ରଧାନ, ସାଧାରଣ ସମ୍ପାଦକ ଗଦାଧର ସାହୁ, ରିତାରାଣୀ ଦାସ, ଈଶ୍ୱର ନାୟକ, ମାନସ ଆଚାର୍ଯ୍ୟ ପ୍ରମୁଖ ପ୍ରକାଶ କରିଛନ୍ତି।

## ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ

**ଅନୁଗୋଳ ଅଫିସ/ତାଳଚେର/ କାମାକ୍ଷାନଗର, ୫।୧୧**

ବେକାରଙ୍କୁ ନିଯୁକ୍ତି ଦେବାରେ ରାଜ୍ୟ ସରକାରଙ୍କ ବିଫଳତାର ପ୍ରତିବାଦ କରି ସୋମବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅନୁଗୋଳ ଜିଲା ନିୟୋଜନ ଅଫିସ ଗେଟ୍‌ରେ ତାଲା ପକାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ରୁଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଜିଲା ଭାଜପା ଅଫିସ ପରିସରରୁ ବାହାରି ଜିଲା ନିୟୋଜନ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଦଳୀୟ କାର୍ଯ୍ୟକର୍ତ୍ତାମାନେ ନିୟୋଜନ ଅଫିସ ଗେଟ୍‌ରେ ତାଲା ପକାଇବା ସହିତ ସେଠାରେ ଧାରଣା ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଅନୁଗୋଳ ଜିଲା ଶିଳ୍ପ ସମୃଦ୍ଧ ହୋଇଥିଲେ ହେଁ ଏଠାକାର ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଓଡ଼ିଶାର ବେକାର ଯୁବକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ସରକାର କେବଳ ନିୟୋଜନ ଅଫିସ ଖୋଲି ଚୁପ୍ ବସିଛନ୍ତି। ଆଗାମୀ ଦିନରେ ଯଦି ନିଯୁକ୍ତି ଦିଆ ନ ଯାଏ ତେବେ ଯୁବମୋର୍ଚ୍ଚା ରାସ୍ତାକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଭାରୀ ବିଜୟ କୁମାର ମାଝି, ଜିଲା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ରାଉତ, ସୁଦୀପ୍ତ ଗଡ଼ନାୟକ, ନଗର ସଭାପତି ମୁନା ପାଳଶର୍ମା, ଯୁବ ନେତା ସିଦ୍ଧାର୍ଥ ରାଉତରାୟ, ଚନ୍ଦ୍ରକାନ୍ତ ଧଳ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୋମନାଥ ରାଉତ ଓ ପ୍ରତି ମଣ୍ଡଳର ଯୁବମୋର୍ଚ୍ଚା ସଭାପତି, ସାଧାରଣ ସମ୍ପାଦକ ଏବଂ ଶତାଧିକ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ତାଳଚେର ଭାଜପା ପକ୍ଷରୁ ବଲଣ୍ଡା ନିୟୋଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ଆସି ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ନିଯୁକ୍ତି କ୍ଷେତ୍ରରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ବେକାରଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ପରେ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ସେହିପରି କାମାକ୍ଷାନଗରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କାମାକ୍ଷାନଗର ନିୟୋଜନ କାର୍ଯ୍ୟାଳୟ ଫାଟକରେ ତାଲା ପକାଯାଇଥିଲା। ସମ୍ପାଦକ ଅଜୟ ଷଣ୍ଢଙ୍କ ନେତୃତ୍ୱରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଦୀପକ ଗୋଚ୍ଛାୟତ, ରଞ୍ଜନ ସାମଲ, ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଉପେନ୍ଦ୍ର ମହାକୁଡ, ରତ୍ନପଣ୍ଡା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।


ଭାଜପା କାର୍ଯ୍ୟକର୍ତ୍ତାମାନେ ଅନୁଗୋଳସ୍ଥିତ ନିୟୋଜନ ଅଫିସ ମଧ୍ୟକୁ ଧସେଇ ପଶୁଛନ୍ତି।

## ସଂକ୍ଷେପରେ

### ବୋହୂଙ୍କୁ ଯୌତୁକ ନିର୍ଯାତନା

**ପାଟଣା, ୫।୧୧(ସ୍ୱ.ପ୍ର.):** ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ସିଲିଦା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ, ଶ୍ୱଶୁର, ଶାଶୁ ଓ ଦିଅର ଯୌତୁକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କ ହେଲେ ଲୋପାମୁଦ୍ରା ସେଠୀ। ରବିବାର ସେ ତୁରୁମୁଙ୍ଗା ଥାନାରେ ଏତଲା ଦେଇଛନ୍ତି। ଥାନାରେ ଏକ ମାମଲା (ନଂ.୧୧୧/୧୮) ରୁଜୁ ହୋଇଥିବା ଏସ୍‌ଆଇ ସୁଶିଳା ବର୍ଲା କହିଛନ୍ତି। ତୁରୁମୁଙ୍ଗା ଥାନା ସିଲିଦା ଗ୍ରାମର ରମେଶ ସେଠୀଙ୍କ ଝିଅ ଲୋପାମୁଦ୍ରାଙ୍କ ଦୁଇବର୍ଷ ତଳେ ଚମ୍ପୁଆ ଥାନା ସରେଇ ଗ୍ରାମର ଅଭୟ କୁମାର ସେଠୀଙ୍କ ପୁଅ ସତ୍ୟପ୍ରକାଶଙ୍କୁ ବିବାହ କରିଥିଲେ। ଅଭିଯୋଗ ଅନୁଯାୟୀ, ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର ଚାରି ମାସ ପରେ ସତ୍ୟଙ୍କ ପରିରିବାର ଲୋକେ ଆଉ ୨ ଲକ୍ଷ ଟଙ୍କା ଯୌତୁକ ପାଇଁ ଦାବି କରିଥିଲେ। ଦୁଇ ଲକ୍ଷ ଟଙ୍କା ଦେବାକୁ ବାପଘର ଲୋକ ସମର୍ଥ ନ ଥିବାରୁ ନାନା ନିର୍ଯାତନା ଦିଆଯାଇଥିବା ଲୋପାମୁଦ୍ରା ଅଭିଯୋଗ କରିଛନ୍ତି।

### କୋର୍ଟ ଗେଟ୍‌ରେ ତାଲା

**ସୋର, ୫।୧୧(ଡି.ଏନ.ଏ.):** ଦୀର୍ଘ ୬୯ ଦିନ ଧରି ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଅବ୍ୟାହତ ରଖିଥିବା ବେଳେ ସୋର କୋର୍ଟ ଉଭୟ ବାର୍‌ର ସଦସ୍ୟ ସୋମବାର ଗେଟ୍‌ରେ ତାଲା ପକାଇ କୋର୍ଟ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରି ରଖିଛନ୍ତି। ସବ୍‌ଜଜ୍ ଚିତ୍ତରଞ୍ଜନ ମିଶ୍ର, ମୁନ୍‌ସିଫ ଋତୁପର୍ଣ୍ଣା ମିଶ୍ର ଓ ଜେଏମ୍‌ଏଫ୍‌ସି ମମିତା ସାହୁଙ୍କୁ ଆଇନ୍‌ଜୀବୀମାନେ କୋର୍ଟ ପରିସରକୁ ପ୍ରବେଶ କରାଇବାକୁ ନ ଦେବାରୁ ସେମାନେ ଫେରିଯାଇଥିଲେ। ସୋର ପ୍ରୋଗ୍ରେସିଭ୍ ବାର୍ ଓ ସୋର ବାର୍ ଆସୋସିଏଶନ ମିଳିତ ଭାବେ ଏହି ବନ୍ଦରେ ସାମିଲ ହୋଇଛନ୍ତି। ହାଇକୋର୍ଟ ବାର୍ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏହି ବନ୍ଦ ନିଷ୍ପତ୍ତି ଥିବା ବେଳେ ପରବର୍ତ୍ତୀ ବୈଠକର ନିଷ୍ପତ୍ତି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ରହିବ ବୋଲି ବାର ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ମନୋରଞ୍ଜନ ରାଉତ ଓ ପ୍ରୋଗ୍ରେସିଭ୍ ବାର୍ ସଭାପତି ରମେଶ ନାୟକ ଓ ସମ୍ପାଦକ ଗିରିଧାରୀ ଚରଣ ଦାସ ଜଣାଇଛନ୍ତି।

### ମହତାବଙ୍କ ପୂର୍ଣ୍ଣାବୟବ ନିର୍ମାଣକୁ ନାକଚ କଲା ପ୍ରଶାସନ

**ବନ୍ତ,୫।୧୧(ସ୍ୱ.ପ୍ର):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ବଜାର ମୁଖ୍ୟ ଛକଠାରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ପୂର୍ଣ୍ଣାବୟବ ନିର୍ମାଣକୁ ଜିଲା ପ୍ରଶାସନ ନାକଚ କରିଥିବା ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ପାଦ ଭୂମିପୂଜା ହେଉଥିବା ବେଳେ ପ୍ରଶାସନ ଏହାକୁ ବନ୍ଦ କରିଥିବାରୁ ସ୍ମାରକୀ ପରିଷଦର କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କୁ ଭେଟିଥିଲେ। ସେମାନେ ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇବା ପରେ ଉକ୍ତ ସ୍ଥାନରେ ପ୍ରତିମୂର୍ତ୍ତି ନିର୍ମାଣକୁ ପ୍ରଶାସନ ନାକଚ କରିଥିବା ପରିଷଦର କର୍ମକର୍ତ୍ତା କହିଛନ୍ତି। ଉଲ୍ଲେଖନୀୟ ଯେ, ରବିବାର ସନ୍ଧ୍ୟାରେ ମହତାବ ସ୍ମାରକୀ ପରିଷଦ ପକ୍ଷରୁ ଡ. ମହତାବଙ୍କ ସୁଦୀର୍ଘ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ କଲେଜ ଛକଠାରେ ପାଦଭୂମି ପୂଜା ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ପୂଜା କାର୍ଯ୍ୟକ୍ରମକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା।

### ବାଣ ସାମଗ୍ରୀ ଜବତ: ଜଣେ ଗିରଫ

**ଧାମନଗର,୫।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଶ୍ୟାମଚାନ୍ଦପାଟଣା ଗ୍ରାମ ନିକଟ ଏକ ମାଟିଘରୁ ପୋଲିସ ବାଣ ସାମଗ୍ରୀ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଉକ୍ତ ଘରେ ବାଣ ଭିଡ଼ା ଯାଉଥିବା ଖବର ପାଇ ରବିବାର ରାତିରେ ଧୂଷୁରୀ ଥାନା ପୋଲିସ ସେଠାରେ ଚଢ଼ାଉ କରିଥିଲା। ସେଠାରେ ବାଣ ତିଆରି କରୁଥିବା ତିହିଡ଼ି ଥାନା ଅଧୀନ ପଞ୍ଚୁରେଖି ଗ୍ରାମର ବିକାଶ ସେଠୀଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ବାଣ ଭିଡ଼ିବା ପାଇଁ ଥିବା ବାରୁଦ, ବାଣି ଏବଂ ଚାଇନା କମ୍ପାନୀର କାଗଜପତ୍ର ଜବତ କରିଥିଲା। ଥାନା ଆଇଆଇସି ରାମକୁମାର ମୁର୍ମୁ ସଦଳବଳ ଚଢ଼ାଉ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୭୯/୧୮) ରୁଜୁ ହୋଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

## ■ଜିଲାସ୍ତରୀୟ ଯୁବ ଉତ୍ସବ ଆୟୋଜନ ପ୍ରସ୍ତୁତି

# ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ସୁଯୋଗ



**ଅନୁଗୋଳ ଅଫିସ, ୫।୧୧**

ଯୁବ ଗୋଷ୍ଠୀ ମଧ୍ୟରେ ଥିବା ବିଭିନ୍ନ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଜିଲାସ୍ତରୀୟ ଯୁବ ଉତ୍ସବ ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏହି ଉତ୍ସବକୁ ସଫଳତାର ସହ ଆୟୋଜନ କରିବା ପାଇଁ ସୋମବାର ଅପରାହ୍ନରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ବ୍ଲକସ୍ତରରୁ କିପରି ଯୁବ ପ୍ରତିଯୋଗୀମାନେ ଅଧିକ ସଂଖ୍ୟାରେ ଯୋଗଦେଇ ପାରିବେ ସେଥିପାଇଁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ବିଶେଷ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସୂଚନା ଅନୁଯାୟୀ, ଆସନ୍ତା ୧୨ ତାରିଖରେ ସଂସ୍କୃତି ବିଭାଗ ଜିଲା ପାଠାଗାର ଠାରେ ୧୫ ଓ ୩୫ ବର୍ଷର ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ଗିତାର, ବଂଶୀ, ତବଲା, ମୃଦଙ୍ଗ, ବୀଣା, ସିତାର, ହାରମୋନିଅମ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଓ ବକ୍ତୃତା (ହିନ୍ଦୀ, ଇଂଲିଶ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ୧୩ ତାରିଖରେ ଜିଲା କଳାକେନ୍ଦ୍ର ଠାରେ ଦଳଗତ ଲୋକନୃତ୍ୟ, ଲୋକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ୧୮ ରୁ ୨୧ ତାରିଖ ମଧ୍ୟରେ ଯାଜପୁର ଜିଲାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ। ଜିଲାସ୍ତରୀୟ ଯୁବ ମହୋତ୍ସବ ପାଳନ ଅବସରରେ ୧୩ ତାରିଖରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଅଂଶଗ୍ରହଣକାରୀ କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପ୍ରତିଯୋଗୀମାନେ ନିଜ ସାଥିରେ ସେମାନଙ୍କ ଜନ୍ମ ତାରିଖ ପ୍ରମାଣ ପତ୍ର ସହ ଆଧାର କାର୍ଡ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଦଳଗତ ପ୍ରତିଯୋଗିତା ପାଇଁ ପ୍ରତି ବ୍ଲକରୁ ଗୋଟିଏ ଲେଖାଏ ଦଳକୁ ସୁଯୋଗ ଦିଆଯିବ। ବ୍ଲକସ୍ତରୀୟ ପ୍ରତିଯୋଗୀମାନଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ଆଣିବାର ଦାୟିତ୍ୱ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତିମାନଙ୍କୁ ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ ଯୁବ ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ପରିଷଦର ସାଂସ୍କୃତିକ ସମ୍ପାଦକା ଡ.ଇନ୍ଦିରା ଦାସ, କଳାକାରର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ସଦସ୍ୟ ରଞ୍ଜନ କୁମାର ବେହେରା, ନାଟ୍ୟମ ସଭାପତି ସୁଧାଂଶୁ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ବ୍ଲକର ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତିମାନେ ଯୋଗ ଦେଇଥିଲେ।



# ସଞ୍ଜିତ ଇଲେଭେନ୍ ଚାମ୍ପିୟନ

**ବଅଁରପାଳ, ୫।୧୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗିରାଙ୍ଗ ଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ଏକ ଦିବାସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ରାକେଶ ଇଲେଭେନ୍ ଓ ସଞ୍ଜିତ ଇଲେଭେନ ମଧ୍ୟରେ ହୋଇଥିଲା। ରାକେଶ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୭୩ ରନ୍ କରିଥିବାବେଳେ ସଞ୍ଜିତ ଇଲେଭେନ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଛି। ଯୁବନେତା ଅରୁଣ ଭି ସିଂ ମୁଖ୍ୟଅତିଥି, ଗିରଙ୍ଗ ଯୁବବାହିନୀ ସଭାପତି ସୁସନ ଗଡ଼ନାୟକ, ସମ୍ପାଦକ ପ୍ରିୟଜିତ ସାମଲ, କୁନା ବେହେରା ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ବିଜୟୀ ଦଳର ସଞ୍ଜିତ ସାମଲ ମ୍ୟାନ୍ ଏଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଜେସିବି ଡ୍ରାଇଭରଙ୍କୁ ମାଡ଼ ଅଭିଯୋଗ

**ଅନୁଗୋଳ ଅଫିସ, ୫।୧୧**

ଅନୁଗୋଳ ମ୍ୟୁନିସିପାଲିଟି ଅଳିଆ କୁଶାସିଂହା ଗ୍ରାମରେ ପକାଇବାକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏପରିକି ଅଳିଆ ପଡ଼ିବା ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ପାଚେରୀ ନିର୍ମାଣ କାର୍ଯ୍ୟକୁ ଲୋକେ ବନ୍ଦ କରାଇଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେବା ସହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜେସିବି ଚାଳକଙ୍କୁ ଲୋକେ ମାଡ଼ ମାରିଥିବା ସୋମବାର ବିଳମ୍ବିତ ରାତିରେ ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପୌରକର୍ତ୍ତୃପକ୍ଷ ଅନୁଗୋଳର ବ୍ୟବସାୟୀଙ୍କୁ ଡକାଇ ଏକ ବୈଠକ କରିଥିଲେ। ଏଥିରେ ସହର ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରାଯିବାସହ ପଲିଥିନ ବ୍ୟବହାର ନ କରିବାକୁ ନିଷ୍ପତି ନିଆଯାଇଥିଲା। ସହରର ପରିମଳ ପାଇଁ କର୍ମଚାରୀ ନିୟୋଜିତ କରାଯାଇ ସଫେଇ କାର୍ଯ୍ୟ କରାଯାଉଛି। ଯେଉଁ ସ୍ଥାନରେ ଅଳିଆ ପଡ଼ି ରହୁଛି ସେଠାରେ ପରିମଳ ବ୍ୟବସ୍ଥାରେ ସୁଦ୍ଧାର ଆଣିବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ୨ ଟି ମୋବାଇଲ ନମ୍ବର ଜାରି କରାଯିବ। ଫୋନ କଲେ ସଫେଇ କର୍ମଚାରୀ ତୁରନ୍ତ ପହଞ୍ଚି ଅଳିଆ ଉଠାଇନେବେ ବୋଲି ପୌର ପରିମଳ ଅଧିକାରୀ ଆର. ନାୟକ ସୂଚନା ଦେଇଛନ୍ତି।

# ଦି ଜିମ୍‌ରେ ରକ୍ତଦାନ ଶିବିର



**ବଅଁରପାଳ, ୫।୧୧(ଡି.ଏନ.ଏ.)**

ନାଲକୋ ଦି ଜିମ୍ ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍. ଏନ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ତାମଡା ଅଧ୍ୟକ୍ଷ ତଥା ଜୀବନ ବିନ୍ଦୁ ସଂଯୋଜକ ଶକ୍ତି ପ୍ରସାଦ ପଟ୍ଟନାୟକ, ଜିଲା ବିଜୁ ଯୁବ ସଭାପତି ଦିନେଶ ପ୍ରଧାନ, ନାଲ୍‌କୋ ପ୍ରବନ୍ଧକ ରାଜାରାମ ମିଶ୍ର, ଯୁବ ଶ୍ରମିକ ନେତା ହରି ନାଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବହୁ ଉତ୍ସାହିତ ଯୁବତୀ ଯୁବକ ରକ୍ତଦାନ କରିଥିଲେ। ଜିମ୍ ଓ ରକ୍ତ ଭଣ୍ଡାରର କର୍ମଚାରୀମାନେ ସହଯୋଗ କରିଥିଲେ।

# ୧୧ ଜଣଙ୍କୁ ଆର୍ଥିକ ସହାୟତା

**ଅନୁଗୋଳ ଅଫିସ, ୫।୧୧**

ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗ ଦେଇଥିଲେ। ଦାଖଲ ହୋଇଥିବା ୧୭୧ ଅଭିଯୋଗରୁ ୧୬୬ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟା ସମ୍ପର୍କିତ ରହିଥିଲା। ବିଶେଷ କରି ଭତ୍ତା, ଇନ୍ଦିରାଆବାସ, ବିଜୁ ପକ୍କାଘର, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସମସ୍ୟା, ରାସ୍ତା ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ବିସ୍ଥାପନ ଓ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଜିଲାପାଳଙ୍କ ଠାରେ ନିବେଦନ କରିଥିଲେ। ଏହାର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ ଜିଲା ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ୧୯ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ପାଇଁ ପ୍ରଦାନ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି, ଇସାନି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



# ଦୁର୍ଘଟଣା ରୋକିବାକୁ ରାସ୍ତାରୋକୋ



**କେନ୍ଦୁଝର, ୫।୧୧(ସ୍ୱ.ପ୍ର.)**

କେନ୍ଦୁଝର ସହରରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଲୋକେ ଯାତାୟାତ କରିବାରେ ଅସୁରକ୍ଷିତ ମଣୁଛନ୍ତି। ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ପକ୍ଷରୁ ପୋଲିସ ବାରିକେଡ, ରମ୍ବଲର (ହମ୍ପସ) ନିର୍ମାଣ କରାଯାଇଥିଲେ ହେଁ ସେସବୁ ଦୁର୍ଘଟଣା ରୋକିପାରୁନାହିଁ। ଏ ନେଇ ସମସ୍ତେ ଚିନ୍ତିତ ଅଛନ୍ତି। କ୍ଷୀପ୍ର ବେଗରେ ଯାତାୟାତ ଏବଂ ଅସଜଡା ରାସ୍ତାପଥ ଏହାର କାରଣ ବୋଲି ମତ ପ୍ରକାଶ ପାଉଛି। ଏଭଳି କେନ୍ଦୁଝର ସହରର କଲେଜ ରୋଡ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାର ପ୍ରତିବାଦରେ ସୋମବାର କଲେଜ ଛାତ୍ର ତଥା ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

କଲେଜ ପରିସର ଦେଇଯାଇଥିବା ରାସ୍ତାରେ କ୍ଷୀପ୍ର ଗତିରେ ଗାଡି ଚଳାଚଳ ହେଉଛି। ଦୁର୍ଘଟଣା ଘଟୁଥିବାରୁ ସାଧାରଣ ଲୋକେ ଯାତାୟାତ କରିବାକୁ ଅସୁକ୍ଷିତ ମଣୁଛନ୍ତି। ଏ ନେଇ ପ୍ରତିକାର ଦାବିରେ ଆନ୍ଦୋଳନ କରାଯାଇଥିଲା। ରାସ୍ତାରେ ହମ୍ପ ନିର୍ମାଣ କରିବା ସହ କ୍ଷୀପ୍ର ଗତିରେ ଓ ବେପରୁଆ ଚଳାଚଳ କରୁଥିବା ଗାଡି ଧରପଗଡ କରିବାକୁ ଦାବି ହୋଇଛି। ଫଳରେ ରାସ୍ତାରେ ଦୀର୍ଘ ଘଣ୍ଟା ଧରି ଗାଡି ଚଳାଚଳ ଠପ ହୋଇଯାଇଥିଲା। ପୋଲିସ ପହଞ୍ଚି ଆଲୋଚନା ପରେ ରାସ୍ତାରୋକୋ ଉଠିଥିଲା।

## ■୪୫ଦିନ ବିତିଲାଣି

# ବାହାରୁନି ଏସ୍‌ସିଏସ୍ ଏମ୍‌ଫିଲ୍ ପ୍ରବେଶିକା ପରୀକ୍ଷା ଫଳ

**ପୁରୀ ଅଫିସ, ୫।୧୧:**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ୨୦୧୮ ଶିକ୍ଷାବର୍ଷ ଏମ୍‌ଫିଲ୍ ପାଠ୍ୟକ୍ରମ ଲାଗି ୪ଟି ବିଭାଗରେ ଶତାଧିକ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ। ପରୀକ୍ଷାକୁ ୪୫ଦିନ ବିତିଲାଣି। କଲେଜ କର୍ତ୍ତୃପକ୍ଷ ବର୍ତ୍ତମାନ ସୁଦ୍ଧା ଫଳାଫଳ ଘୋଷଣା କରିନାହାନ୍ତି। ଏହାକୁ ନେଇ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଲେଜକୁ ୟୁଜିସି ଟିମ୍ ଗସ୍ତ ଆଳ ଦେଖାଇ ଫଳାଫଳ ଘୋଷଣାରେ ବିଳମ୍ବ ଘଟୁଥିବା କର୍ତ୍ତୃପକ୍ଷ ସଫେଇ ଦେଇଥିଲେ। ୟୁଜିସି ଯିବାର ୫ଦିନ ବିତିଲାଣି। ତଥାପି ଫଳାଫଳ ଘୋଷଣାରେ ବିଳମ୍ବ କରାଯାଉଛି ବୋଲି କେତେଜଣ ଛାତ୍ର ଗଣମାଧ୍ୟମକୁ କହିଛନ୍ତି। ମିଳିଥିବା ସୂଚନା ପ୍ରକାରେ, ୨୦୧୭ରେ ଓଡ଼ିଆ, ଇଂଲିଶ, ଭୂଗୋଳ ଓ ବାଣିଜ୍ୟ ବିଷୟରେ ଏମ୍‌ଫିଲ ଲାଗି ଏସସିଏସ କଲେଜକୁ ରାଜ୍ୟ ସରକାର ସ୍ୱୀକୃତି ଦେଇଥିଲେ। ପ୍ରତ୍ୟେକ ବିଭାଗରେ ୮ଟି ଲେଖାଏଁ ସିଟ୍ ରହିଛି। ବର୍ତ୍ତମାନ ସୁଦ୍ଧା ଏମ୍‌ଫିଲ ପାଠ୍ୟକ୍ରମକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁମୋଦନ ଦେଇନାହିଁ। ଅନ୍ୟପଟେ ଡିସେମ୍ବର ଶେଷ ସୁଦ୍ଧା ପ୍ରଥମ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏମଫିଲ ପାଠ୍ୟକ୍ରମ ସମାପ୍ତ ହେବ। ସେମାନଙ୍କୁ କଲେଜ କିପରି ସାର୍ଟିଫିକେଟ ପ୍ରଦାନ କରିବ, ସେନେଇ ପ୍ରଶ୍ନ ଉଠିଛି। ଏମ୍‌ଫିଲ ପାଠ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁମୋଦନ ମିଳି ନ ଥିବା ବେଳେ କଲେଜ କର୍ତ୍ତୃପକ୍ଷ ୨୦୧୮ରେ ପୁଣି ଥରେ ଏମ୍‌ଫିଲ ପାଠ୍ୟକ୍ରମ ଲାଗି ସେପ୍ଟେମ୍ବର ୧୮ରେ ପ୍ରବେଶିକା ପରୀକ୍ଷା କରିଥିଲେ। ଅକ୍ଟୋବର ପ୍ରଥମ ସୁଦ୍ଧା ଫଳାଫଳ ଏବଂ ଡିସେମ୍ବରରେ ପାଠପଢା ଆରମ୍ଭ କରାଯିବ ବୋଲି କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତୁରନ୍ତ ପ୍ରବେଶିକା ପରୀକ୍ଷା ଫଳ ବାହାର କରା ନ ଗଲେ ଆଗାମୀ ଦିନରେ କଲେଜ ଘେରାଉ କରାଯିବ ବୋଲି କେତେଜଣ ଛାତ୍ରୀଛାତ୍ର ଗଣମାଧ୍ୟମକୁ କହିଛନ୍ତି। ପରୀକ୍ଷା ନିୟନ୍ତ୍ରକ ଗିରୀଶ ଜଗଦ୍ଦେବଙ୍କ ମୋବାଇଲ ନମ୍ବରକୁ ବାରମ୍ବାର ଯୋଗାଯୋଗ କରାଯାଇଥିବା ବେଳେ ସେ କଲ ରିସିଭ୍ କରି ନ ଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ପ୍ରବେଶିକା ପରୀକ୍ଷା ଫଳ ଘୋଷଣା ଲାଗି ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ନଭେମ୍ବର ୬ /୨୦୧୮ Dhenkanal-Angul, Tuesday, November 6 / 2018

## ସଂକ୍ଷେପରେ

### ମହିଳାଙ୍କୁ ନେଇ ଫେରାର ଅଭିଯୋଗ, ଯୁବକ ଗିରଫ

ବଅଁରପାଳ, ୫।୧୧(ଡି.ଏନ.ଏ.)- ତାଳଚେର ଥାନା ଅଞ୍ଚଳରେ ଭଡାରେ ରହୁଥିବା ପୁରୀ ଜିଲାର ଜଣେ ମହିଳାଙ୍କୁ ନେଇ ଫେରାର ହୋଇଯିବା ଅଭିଯୋଗରେ ବଅଁରପାଳ ପୋଲିସ ରଞ୍ଜନ ରାଉତ ନାମକ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ପୁରୀ ଜିଲାର ରଞ୍ଜନ ତାଳଚେରରେ ସ୍ଥିତ ବହ୍ଲାର ଛକରେ ବ୍ୟବସାୟ କରନ୍ତି। ସମ୍ପୃକ୍ତା ମହିଳା ଓ ରଞ୍ଜନଙ୍କ ମଧ୍ୟରେ ଫେସ୍‌ବୁକ୍‌ରେ ବନ୍ଧୁତା ବଢ଼ିଥିଲା। ୪ ଦିନ ତଳେ ରଞ୍ଜନ ମହିଳାଙ୍କୁ ଧରି କେଉଁଆଡେ ପଳାଇଥିଲେ। ଏ ନେଇ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ବଅଁରପାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୨୯/୨୦୧୮ରେ ରୁଜୁ କରିଥିଲା। ସୋମବାର ବଅଁରପାଳ ଅଞ୍ଚଳରୁ ସମ୍ପୃକ୍ତା ମହିଳାଙ୍କୁ ଉଦ୍ଧାର କରିବା ସହ ରଞ୍ଜନଙ୍କୁ ପୋଲିସ ଗିରଫ କରିଛି।

### ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା ଉଦ୍‌ଘାଟିତ

କଣିହାଁ,୫।୧୧(ଡି.ଏନ.ଏ.)- ରାଜ୍ୟରେ ପ୍ରତ୍ୟେକ ବ୍ଲକକୁ ଭିଡିଓ କନଫରେନ୍ସିଂ ସୁବିଧା ବ୍ୟବସ୍ଥାକୁ ନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ନମିତା ସାହୁ, ଉପାଧକ୍ଷ ତ୍ରିପୁରାରୀ ପ୍ରଧାନ, ବିଡିଓ ରମେଶ କୁମାର ଜେନା, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ, ଜିପିଓ ଜୟଶ୍ରୀ ନାୟକ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ। ଅପରାହ୍ନ ୪ଟା୩୦ରୁ ସଭାଗୃହରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିବାକୁ ଅନେକ କୃତୀ ଛାତ୍ରୀଛାତ୍ର, ଅଭିଭାବକ, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଅଂଶଗ୍ରହଣ କରି ଅପେକ୍ଷା କରିଥିଲେ। ହେଲେ ବ୍ଲକ ବ୍ୟତୀତ ଅନ୍ୟସ୍ଥାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିବାରେ ଅନେକ ବଞ୍ଚିତ ହୋଇଥିଲେ। ବିଡ଼ିଓ ରମେଶ କୁମାର ଜେନା କହିଛନ୍ତି, ବ୍ଲକରେ ଭିଡ଼ିଓ କନଫରେନ୍ସିଂ ସୁବିଧା ଉପଲବ୍ଧ ହୋଇଛି। ଇକୋପ୍ରିଂ ଭିସି ହଲ୍‌ର ଉଦ୍‌ଘାଟନ ହୋଇଛି। ନେଟ୍ ୱାର୍କ ତ୍ରୁଟି ସୁଧାରିବା ଆମ ପକ୍ଷେ ସମ୍ଭବ ନ ଥିଲା।

### ବାଗେଡିଆ ବସ୍‌ଷ୍ଟାଣ୍ଡ ଲାଇଟ ପୋଷ୍ଟ ଅଚଳ



ଛେଣ୍ଡିପଦା,୫।୧୧(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ବାଗେଡିଆ ବସ୍‌ଷ୍ଟାଣ୍ଡଠାରେ ଥିବା ହାଇମାକ୍ସ ଲାଇଟ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଦୀର୍ଘ ଏକ ମାସ ହେବ ଅଚଳ ହୋଇପଡ଼ିଛି। ଏଥିଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତ ତଥା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର ଉକ୍ତ ଲାଇଟ୍ ପୋଷ୍ଟ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟବାସୀ ଦାବି କରିଛନ୍ତି।

■ଭୁଜାଲି ଆକ୍ରମଣରେ ଗୁରୁତର ଘଟଣା

### ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

କଣିହାଁ,୫।୧୧(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଅଞ୍ଚଳରେ ରବିବାର ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ରଙ୍ଗବେଡ଼ା ଗ୍ରାମର ଚାଷୀ ରବି ସେଠୀ ଗୁରୁତର ହୋଇଥିଲେ। ସୋମବାର ସୁଦ୍ଧା ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ପୋଲିସ କେସ ନଂ.୮୪/୧୮ରେ ଏକ ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ଶୋଭା ପଟ୍ଟନାୟକ କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ଚାଲିଛି। ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ।

■ଜିଲାସ୍ତରୀୟ ଶିଶୁ ଦିବସ ମହକ ଉଦ୍‌ଯାପିତ

# ‘ପ୍ରତିଭା ବିକାଶ ପାଇଁ ପ୍ରୋତ୍ସାହିତ କର’

ଅନୁଗୋଳ ଅଫିସ, ୫।୧୧

ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ଦ୍ୱାରା ଲାଳନ ପାଳନ ହେଉଥିବା ଅସହାୟ ଓ ଭିନ୍ନକ୍ଷମ ପିଲାମାନଙ୍କୁ ନେଇ ଜିଲାସ୍ତରୀୟ ଶିଶୁ ଦିବସ ମହକ ସୋମବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ପ୍ରତିଭା ଲୋକଲୋଚନକୁ ଆସିଥାଏ। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଦାୟିତ୍ୱରେ ଥିବା ଅନୁଷ୍ଠାନଗୁଡ଼ିକ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭା କିପରି ବିକଶିତ ହୋଇପରିବ ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାରେ ଶିଶୁମାନଙ୍କ ଥଇଥାନ ଓ ସେମାନଙ୍କୁ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ଜିଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିଆସୁଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଦେବାଶିଷ ପଟ୍ଟନାୟକ ଓ ପୂର୍ବତନ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଗଡ଼ନାୟକ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କ ପ୍ରତିଭା ବିକଶିତ ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଜିଲାର ୬ଟି ଅନୁଷ୍ଠାନ ଆଦୃତା ଶିଶୁ ସଦନ, ବାଜି ରାଉତ ଛାତ୍ରାବାସ, ନବ ଜୀବନ କମ୍ୟୁନିଟି ସେଣ୍ଟର, ଆଠମଲ୍ଲିକ ବାଳାଶ୍ରମ, କ୍ଷୀରୋଦବାସିନୀ କନ୍ୟାଶ୍ରମ ଓ ନକୁଳ ଚନ୍ଦ୍ର ଅନ୍ଧ, ମୂକ, ବଧିର ସ୍ୱତନ୍ତ୍ର ବିଦ୍ୟାଳୟର ପିଲାମାନେ ଏହି ଶିଶୁ ଦିବସରେ ଅଂଶ ଗ୍ରହଣ କରିଥିଲେ।



ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ହିନ୍ଦୋଳ ସୀମାରେ ସୁନ୍ଦରୀ ଭୟ

ଢେଙ୍କାନାଳ ଅଫିସ,୫।୧୧



■ସତର୍କତା ଜାରିକଲା ବନ ବିଭାଗ

■ମୁଖ୍ୟ ବନ ସଂରକ୍ଷକ କହିଲେ ଭୁଲ୍ ତଥ୍ୟ

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ସୀମାବର୍ତ୍ତୀ ଅଞ୍ଚଳ ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜର କନ୍ଧରା ଓ ନନ୍ଦିନିଆ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମରେ ବାଘୁଣୀ ‘ସୁନ୍ଦରୀ’ ଭୟ ସୃଷ୍ଟି ହୋଇଛି। ସୁନ୍ଦରୀ ସୀମାରେ ଥିବା କନ୍ଧରା ଓ ନନ୍ଦିନିଆ ଜଙ୍ଗଲ ଆଡକୁ ପଳାଇ ଆସିଥିବା ବନବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ହିନ୍ଦୋଳ ବନବିଭାଗ କର୍ମଚାରୀମାନେ ସତର୍କତା ଜାରି କରିଛନ୍ତି। ଉକ୍ତ ଜଙ୍ଗଲ ନିକଟରେ ଥିବା ଗ୍ରାମବାସୀ ସତର୍କ ରହିବା ପାଇଁ ପୋଷ୍ଟର ଲଗାଯାଇଥିବା ବେଳେ ସାଇରନ ବଜାଇ ପାଟ୍ରୋଲିଂ ଗାଡି ମଧ୍ୟ ବୁଲୁଥିବାର ଦେଖାଯାଇଛି। ଦୁଇଦିନ ହେଲା ସ୍ଥାନୀୟ ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ସୀମାରେ ପାଟ୍ରୋଲିଂ କରୁଥିବା ଜଣାଯାଇଛି। ସୁନ୍ଦରୀ ଭୟରେ ଜଙ୍ଗଲ ସୀମାରେ ଥିବା ଗ୍ରାମଗୁଡିକରେ ସ୍କୁଲ ବନ୍ଦ ହୋଇଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର କୁହନ୍ତି, ସୁନ୍ଦରୀ ହିନ୍ଦୋଳ ସୀମା ଆଡକୁ ପଳାଇ ଆସିଥିବା ସନ୍ଦେହ କରାଯାଉଛି। ସାତକୋଶିଆରୁ ଖବର ମିଳିବା ପରେ ହିନ୍ଦୋଳ ବନ କର୍ମଚାରୀ ଜଙ୍ଗଲରେ ପାଟ୍ରୋଲିଂ ଜାରି ରଖିବା ସହିତ ନିକଟବର୍ତ୍ତୀ ଗ୍ରାମବାସୀଙ୍କୁ ସତର୍କ କରାଉଛନ୍ତି। ଏ ବିଷୟରେ ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ କୁହନ୍ତି, ଆମ ପାଖରେ ଖବର ପହଞ୍ଚିଛି। ଏହାକୁ ଗୁରୁତର ସହ ଗ୍ରହଣ କରାଯିବ। ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ପରିଚାଳକ ଡ.ସୁଦର୍ଶନ ପଣ୍ଡା କୁହନ୍ତି, ଏଭଳି ଭୁଲ ତଥ୍ୟ ଗ୍ରାମବାସୀଙ୍କୁ ଦେବାକଥା ନୁହେଁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହିନ୍ଦୋଳ ରେଞ୍ଜ ଅଧିକାରୀ ମଧୁସୂଦନ ପାତ୍ର କୁହନ୍ତି, ବାଘୁଣୀ ଅଛି ବୋଲି ନୂଆକୋଟ ଓ କରାବିରାରେ ପୋଷ୍ଟର ମାରି ସଚେତନ କରାଇଥିଲୁ। କିନ୍ତୁ ଏହା ଭୁଲ୍ ଥିଲା। ସାତକୋଶିଆ ଆସିଥିବା ଯୁବ ମହାବଳ ଏହି ଜଙ୍ଗଲ ମଧ୍ୟକୁ ପଶି ଆସିଥିବାରୁ ଗ୍ରାମବାସୀଙ୍କୁ ସଚେତନ କରାଉଛୁ।

## ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର




ଉଦ୍‌ଯାପନୀ ଦିବସରେ ଅତିଥିମାନେ।

ତାଳଚେର,୫।୧୧(ନି.ପ୍ର.)

ତାଳଚେର ଥର୍ମାଲ ଶକ୍ତି ଷ୍ଟାଡିୟମ ଠାରେ ଏନ୍‌ଟିପିସି ପରିଚାଳନାଧୀନ ଡିଏଭି ଜୋନ-୧ ଏବଂ ଜୋନ-୨ ସ୍କୁଲ ସମୂହର କ୍ରୀଡା ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ମୁଖ୍ୟବକ୍ତା ଭାବେ ଟିଟିପିଏସ୍ ଜିଏମ୍ ମିଥିଳେଶ ସିଂହ, ସମ୍ମାନିତ ଅତିଥି ଭାବେ ଉପସାଗରିକା ଲେଡିଜ କ୍ଲବ ସଭାପତି ରେଣୁକା ସିଂହ ଯୋଗ ଦେଇଥିଲେ। କାଂଶବାହାଲ ଡିଏଭି ସ୍କୁଲର ଛାତ୍ର ବିକାଶ କୁମାର ପଲେଇ ଶ୍ରେଷ୍ଠ କ୍ରୀଡ଼ାବିତ୍, ଶ୍ରେଷ୍ଠ ଅଂଶଗ୍ରହଣକାରୀ ଦଳ ଭାବେ ଭଦ୍ରକ ମଦନମୋହନ ଡିଏଭି, ବାଳିକା ବିଭାଗରେ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୋଖରୀପୁଟ ଡିଏଭି ଛାତ୍ରୀ ପି. ଅର୍ଚ୍ଚିତା ସାହୁ, ଡିଏଭି ବେଦାନ୍ତର ପଞ୍ଚ ମାଝିଙ୍କୁ ସମ୍ମାନିତ କରାଯାଇ ଥିଲା। ଶ୍ରେଷ୍ଠ ଚାମ୍ପିୟନ ଦଳ ଭାବେ କଟକ ସିଡିଏ ଓ ଚନ୍ଦ୍ରଶେଖରପୁର ରନର୍ସଅପ୍ ହୋଇ ପୁରସ୍କାର ଲାଭ କରିଥିଲା। ଥର୍ମାଲ ଓ ଜଗନ୍ନାଥ ଡିଏଭି ସ୍କୁଲ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜାତୀୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଡିଏଭି ହାୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷା ତପସ୍ୱିନୀ ମିଶ୍ର, ଡିଏଭି ଅଧକ୍ଷ ନିଶିକାନ୍ତ କର, ଟିଟିପିଏସ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ବୋଷ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ୫୦ଟି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରଥିଲେ।

### ଭୋଟର ତାଲିକା ସଂଶୋଧନ ତାରିଖରେ ପରିବର୍ତ୍ତନ

ଅନୁଗୋଳ ଅଫିସ, ୫।୧୧

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଦାବି ଓ ଅଭିଯୋଗର ଫର୍ମ ଦାଖଲ କରିବାର ଶେଷ ତାରିଖକୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ପୂର୍ବରୁ କମିଶନ ଅକ୍ଟୋବର ୩୧କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରିଥିଲେ। ଦାବି ଓ ଅଭିଯୋଗ ଦାଖଲ କରିବାକୁ ଚାହୁଁଥିବା ଭୋଟରମାନେ ଏହି ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ପୂରଣ କରି ପ୍ରଦାନ କରିବାକୁ ଜିଲା ପ୍ରଶାସନ ତରଫରୁ ଦିଆଯାଇଛି।

### ନ୍ୟାୟାଳୟଙ୍କ କଟକଣା ସମ୍ପର୍କରେ ସଚେତନତା

ଅନୁଗୋଳ ଅଫିସ, ୫।୧୧

ଉଚ୍ଚତମ ନ୍ୟାୟାଳୟ ଦଶହରା ଓ ଦୀପାବଳି ଆଦି ପର୍ବ ପର୍ବାଣିଗୁଡ଼ିକରେ ବାଣଫୁଟାଇବା ତଥା ଡାକବାଜିଯନ୍ତ୍ର ଓ ଡିଜେ ବ୍ୟବହାର ଦ୍ୱାରା ଉତ୍ପନ୍ନ ହେଉଥିବା ଶବ୍ଦ ଉପରେ କଟକଣା ଜାରି କରିଛନ୍ତି। ଏଥିପାଇଁ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେଉଛି। ପୂଜା ପାର୍ବଣ ସମୟରେ ଉଚ୍ଚ ଶବ୍ଦଯୁକ୍ତ ବାଣ ଓ ଡିଜେ ସାଉଣ୍ଡ ବ୍ୟବହାର ନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି।

### ଫଟୋରେ ଖବର



କାଳୀ ପୂଜା ପାଇଁ ଅନୁଗୋଳ ଦଶହରା ପଡିଆରେ ଜଣେ କାରିଗର ମା’ଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ- ବୁଲୁ)

## ମହିଳାଙ୍କ ଗଳିତ ଶବ ଉଦ୍ଧାର

ରାଇରଙ୍ଗପୁର,୫।୧୧(ଡି.ଏନ.ଏ.):

ଯାମଦା ଥାନା ଅନ୍ତର୍ଗତ ମାଟିଆଳି ଗ୍ରାମ ନିକଟବର୍ତ୍ତୀ ନିକାଞ୍ଚ ଅଞ୍ଚଳରୁ ସୋମବାର ପୋଲିସ ଜଣେ ମହିଳାଙ୍କ ଗଳିତ ଶବ ଉଦ୍ଧାର କରିଛି। ଖବରପାଇ ରାଇରଙ୍ଗପୁର ସର୍କଲ ଏସଡିପିଓ ଅମୂଲ୍ୟ କୁମାର ଧର ଏବଂ ତିରିଙ୍ଗ ଥାନା ଅଧିକାରୀ ଇନ୍ସପେକ୍ଟର ସୁଦର୍ଶନ ଗାଙ୍ଗୋଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଏବଂ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ପୋଲିସ ଘଟଣାସ୍ଥଳରୁ ଗଳିତ ଶବ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇଛି। ମୃତା ମହିଳାଙ୍କ ପରିଚୟ ମିଳି ପାରି ନାହିଁ। ତାଙ୍କୁ କେହି ହତ୍ୟା କରି ନିର୍ଜନ ସ୍ଥଳରେ ପକାଇଥିବା ସନ୍ଦେହ ହେଉଛି।



## ଦେବୀ ଅନ୍ନପୂର୍ଣ୍ଣାଙ୍କୁ ବିଦାୟ

ବଅଁରପାଳ, ୫।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ରାଜକିଶୋରପଡା ଠାରେ ଅନୁଷ୍ଠିତ ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବାଦ୍ୟବାଜଣାରେ ଏକ ଶୋଭାଯାତ୍ରାରେ ମା’ ଅନ୍ନପୂର୍ଣ୍ଣାଙ୍କୁ ସମଗ୍ର ଅଞ୍ଚଳ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାବେଳେ ପୂଜା କମିଟିର କର୍ମକର୍ତ୍ତାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ନିକଟସ୍ଥ ଜଳାଶୟରେ ଦେବୀଙ୍କୁ ବିସର୍ଜନ କରାଯାଇଥିଲା। ପୂଜା କମିଟିର ପାପୁନା ଦଳବେହେରା, ବାପିନା ଗିରି, ସିଲୁ ପଟ୍ଟନାୟକ, ସଞ୍ଜୟ ସାମଲ, ଜିଲୁ ସାହୁ, ବିଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

■ମା’ ଲକ୍ଷ୍ମୀଙ୍କୁ ମେଲାଣି

# ବାଦ୍ୟବାଜଣାରେ କମ୍ପିଲା ପାଲଲହଡ଼ା

ପାଲଲହଡା, ୫।୧୧(ଡି.ଏନ.ଏ.)

ପାଲଲହଡା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ସୋମବାର ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଭିନ୍ନ ପୂଜା କମିଟି ପକ୍ଷରୁ ମା’ଙ୍କ ମେଢ଼କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ପାଲଲହଡା ଷ୍ଟାଡିୟମ ପର୍ଯ୍ୟନ୍ତ ନିଆଯାଇଥିଲା। ପରେ କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଧାୟକ ମହେଶ ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ, ପାଲଲହଡା ଉପ ଜିଲାପାଳ ଅଜିତ୍ କୁମାର ପ୍ରଧାନ, ସରପଞ୍ଚ ନିରୁପମା ବୋଷ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଭୂତି ଭୂଷଣ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପାଲଲହଡ଼ା ଅଞ୍ଚଳର ଲିଙ୍ଗରାଜ ଦାସ, ରଘୁନନ୍ଦନ ଆଚାର୍ଯ୍ୟ, ବିଜୟାନନ୍ଦ ବିଶ୍ୱାଳ, ରବିନାରାୟଣ ପ୍ରଧାନ, ତନ୍ମୟ ସାହୁ, ସନ୍ତୋଷ ଦେହୁରୀ, ଶିବସୁନ୍ଦର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କମିଟି ପକ୍ଷରୁ ଏକ ସ୍ମରଣିକା ‘ସ୍ରୋତସ୍ୱିନୀ’ ଉନ୍ମୋଚିତ ହୋଇଥିଲା।

ସେହିପରି କେନ୍ଦ୍ରୀୟ କମିଟି ପକ୍ଷରୁ ମା’ଙ୍କ ଏକ ରୁପା ମୂର୍ତ୍ତି ଏବଂ ଆଜ୍ଞା ଲଡୁ ନିଲାମ କରାଯାଇଥିଲା। ପାଲଲହଡା ଟିଭିଏସ୍ ଶୋ ରୁମ ମାଲିକ ପାର୍ଥସାରଥୀ ପାଣିଗ୍ରାହୀ ୪୦ ହଜାର ଟଙ୍କାରେ ମା’ଙ୍କ ମୂର୍ତ୍ତି ଓ ରଞ୍ଜିତ୍ ପ୍ରଧାନ ୨୦ ହଜାର ଟଙ୍କାରେ ଆଜ୍ଞା ଲଡୁ ନିଲାମ ନେଇଥିଲେ। ପରେ ଷ୍ଟାଡିୟମଠାରୁ ୯ ଟି ମେଢକୁ ୟୁକୋ ବ୍ୟାଙ୍କ ଛକ, ବସଷ୍ଟାଣ୍ଡ, ପାଲଲହଡା ମୁଖ୍ୟ ବଜାର ଛକ ଦେଇ ବିଭିନ୍ନ ନଦୀ ଓ ପୋଖରୀରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ୪ ପ୍ଲାଟୁନ ପୋଲିସ ଫୋର୍ସ, ୧୮ ଜଣ ଅଫିସର ନିୟୋଜିତ ହୋଇଥିଲେ। କେନ୍ଦ୍ରୀୟ ପୂଜା କମିଟି ସହ ସଭାପତି ଛୋଟେଲାଲ ପ୍ରସାଦ, ସହସମ୍ପାଦକ ଦିବ୍ୟଜ୍ୟୋତି ଦାଶ, ରଥିନ୍ଦ୍ର ସାହୁ, କୋଷାଧକ୍ଷ ଭୀମସେନ ପ୍ରଧାନ ସହଯୋଗ କରିଥିଲେ।

**ଶୋଭାଯାତ୍ରାରେ ୯ ମେଢ ସାମିଲ**



ଆଜ୍ଞା ଲଡୁ ନିଲାମ କରାଯାଉଛି।



ମା’ଙ୍କ ମେଢକୁ ଶୋଭାଯାତ୍ରାରେ ନିଆଯାଉଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ